## ସଂକ୍ଷେପରେ



### ଅସହାୟ ଦମ୍ପତିଙ୍କୁ ସହାୟ ହେଲା ଦଳିତ ସେବାସଂସ୍ଥା

ସୁନାବେଡ଼ା,୨୯।୧୦(ଡି.ଏନ୍.ଏ.): ସୁନାବେଡ଼ା ହାଲ୍ ସହରାଞ୍ଚଳର କର୍ମଚାରୀଙ୍କ ନିଜସ୍ୱ ଇଚ୍ଛା ଦ୍ୱାରା କିଛି କର୍ମଚାରୀ ଭାଇମାନେ ଏକସେବା ସଂସ୍ଥା ଗାଡ଼ି ନିକଟରେ ଥିବା ଗାଁରେ ଶିକ୍ଷା, ସ୍ୱାସ୍ଥ୍ୟ, ବେରୋଜଗାର ପରି ଅନେକ ସମସ୍ୟା ସମାଧାନ କରୁଛନ୍ତି। ଗରିବ ପିଲାଙ୍କୁ କପଡ଼ା, ସ୍କୁଲ ବ୍ୟାଗ, ଖାଦ୍ୟ ସାମଗ୍ରୀ, ବୃଦ୍ଧାବୃଦ୍ଧଙ୍କୁ ଔଷଧ ସହ ଖାଦ୍ୟ, ଛତା, ଜୋତା, ମଶାରି ପ୍ରଦାନ କରୁଛନ୍ତି। ଅନେକ ଗରିବ ଛାତ୍ରୀଛାତ୍ରଙ୍କୁ କଲେଜ ଫି' ଦେଉଛନ୍ତି। ନବରଙ୍ଗପୁରର କଣ୍ଡରାସାହି ଗ୍ରାମରେ ମହାଦେବ ମହାରଣା ଓ ତାଙ୍କ ସ୍ତ୍ରୀ ୧୦ ବର୍ଷ ହେଲା ପିଲାଙ୍କଠାରୁ ଅବହେଳିତ ହୋଇ ରହିଛନ୍ତି। ସରକାରୀ ସାହାଯ୍ୟ ନାହିଁ। ଦୁଇ ବଖରା ଛପରଛଡ଼ା ଘରେ ରହି ସେମାନେ ଭିକ ମାଗି ଚଳୁଥିଲେ । ଦଳିତସେବା ସଂସ୍ଥା ଏହାର ଖବର ପାଇବା ପରେ ମାନସ ଦାସ, ଏମ୍.ଜି. ରାଜୁ, ପବିତ୍ର ମଲ୍ଲିକ, ସୌମ୍ୟରଞ୍ଜନ ପଣ୍ଡା, ଶ୍ରୀକାନ୍ତ ଷଡ଼ଙ୍ଗୀ ସୁନାବେଡ଼ାରୁ ନବରଙ୍ଗପୁର ତାଙ୍କ ଗ୍ରାମରେ ପହଞ୍ଚିଥିଲେ। ସେମାନେ କିଛି ଦିନ ଚଳିବା ବ୍ୟବସ୍ଥା କରିବା ସହ ତାଙ୍କ ପାଇଁ ଛୋଟ ରାଶନ ଦୋକାନଟିଏ ମଧ କରିଦେଇଥିଲେ। ଏଭଳି ବଦାନ୍ୟ କାର୍ଯ୍ୟ ପାଇଁ ସେବାସଂସ୍ଥା ପ୍ରଶଂସିତ ହୋଇଛି।

### ଲ୍ୟାମ୍ପସ ସଭାପତି, ନିର୍ଦ୍ଦେଶକଙ୍କୁ ନେଇ ତାଲିମ ଶିବିର

ଜୟପୁର, ୨୯।୧୦ (ନି .ପ୍ର): କୋରାପୁଟ କେନ୍ଦ୍ର ସମବାୟ ବ୍ୟାଙ୍କ ସମ୍ମିଳନୀ କକ୍ଷରେ ଲ୍ୟାମ୍ପସ ସଭାପତି, ଉପ ସଭାପତି ଓ ନିର୍ଦ୍ଦେଶକଙ୍କ ଏକ ତାଲିମ ଅନୁଷ୍ଠିତ ହୋଇଯାଇଛି । ଏଥିରେ ବ୍ୟାଙ୍କ ସଭାନେତ୍ରୀ ଇନ୍ଦିରା ନନ୍ଦ ଯୋଗ ଦେଇ ଏହାକୁ ଉଦ୍‌ଘାଟନ କରିଥିଲେ । ଏହି ତାଲିମ କାର୍ଯ୍ୟକ୍ରମଟି ଓଡିଶା ରାଜ୍ୟ ସମବାୟ ବ୍ୟାଙ୍କ ଭୁବନେଶ୍ୱର, କୃଷି ସମବାୟ କର୍ମଚାରୀ ପ୍ରଶିକ୍ଷଣ ପ୍ରତିଷ୍ଠାନ ଆନୁକୂଲ୍ୟରେ ୨ ଦିନ ଧରି କୋରାପୁଟ, ମାଲକାନଗିରି ଜିଲାରେ ଆୟୋଜିତ ହୋଇଛି । ଲ୍ୟାମ୍ପସର କମ୍ପ୍ୟୁଟରୀକରଣ ଉପରେ ଗୁରୁତ୍ୱାରୋପ କରିଥିଲେ । ଚାଷୀମାନଙ୍କୁ ଉଚିତ ସମୟରେ ସମସ୍ତ ବ୍ୟାଙ୍କିଂ ସୁବିଧା ଉପଲବ୍ଧ କରିବା ପାଇଁ ପରାମର୍ଶ ଦେଇଥିଲେ । ମାଇକ୍ରୋ ଏଟିଏମ ମାଧ୍ୟମରେ ସମସ୍ତ ଲ୍ୟାମ୍ପସର ଚାଷୀମାନଙ୍କୁ ଟଙ୍କା ଜମା, ଉଠାଣ ବିଷୟରେ ଆଲୋକପାତ କରିଥିଲେ । ଉକ୍ତ କାର୍ଯ୍ୟକ୍ରମରେ ବ୍ୟାଙ୍କ ସମ୍ପାଦକ ଅନନ୍ତ କୁମାର ସାମଲ ଯୋଗ ଦେଇ କୃଷି ଋଣର ସୁବିନିଯୋଗ କରି ଚାଷ ଓ ଚାଷୀଙ୍କ ଉନ୍ନତି ପାଇଁ ପରାମର୍ଶ ଦେଇଥିଲେ । ଏହି କାର୍ଯ୍ୟକ୍ରମରେ ବି. ବି ହୋତା, ଏନ. ଦାସ ପ୍ରଶିକ୍ଷଣ ପ୍ରଦାନ କରିଛନ୍ତି ।

## ଗଣଶିକ୍ଷା ମନ୍ତ୍ରୀଙ୍କ କୋରାପୁଟ ଗସ୍ତ

# ୪ ଜିଲାର ଶିକ୍ଷା ନେଇ ସମୀକ୍ଷା

କୋରାପୁଟ,୨୯।୧୦(ସ୍ୱ.ପ୍ର)



ବୈଠକରେ ମନ୍ତ୍ରୀଙ୍କ ସହ ଅନ୍ୟମାନେ ।

- ମାଲକାନଗିରି ଜିଲାରେ ପ୍ରଦାନ କରାଯାଇନି ୩ ହଜାର ବାଇସାଇକେଲ
- ମାସିକ ୨ ଥର ଅଭିଭାବକ ବୈଠକ କରିବାକୁ ପରାମର୍ଶ
- ନିର୍ମାଣାଧୀନ ସ୍କୁଲ ଗୃହ ସାରିବାକୁ ନିର୍ଦ୍ଦେଶ

ରାଜ୍ୟ ଗଣ ଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାଶ ମଙ୍ଗଳବାର କୋରାପୁଟ ଗସ୍ତରେ ଆସିଛନ୍ତି । ସେ ସ୍ଥାନୀୟ ଡିଆରଡିଏ ସଦ୍‌ଭାବନା ସଭାଗୃହରେ ଅବିଭକ୍ତ କୋରାପୁଟ ଜିଲା ଶିକ୍ଷା ବ୍ୟବସ୍ଥାର ବର୍ତ୍ତମାନର ସ୍ଥିତି ଉପରେ ଆୟୋଜିତ ସମୀକ୍ଷା ବୈଠକରେ ଯୋଗ ଦେଇଥିଲେ। କୋରାପୁଟ, ନବରଙ୍ଗପୁର, ମାଲକାନଗିରି ଓ ରାୟଗଡା ଜିଲାର ସମସ୍ତ ବିଧାୟକ, ଜିଲା ଶିକ୍ଷା ଅଧିକାରୀ ଓ ଅନ୍ୟ ବିଭାଗର ଅଧିକାରୀମାନେ ଯୋଗ ଦେଇ ସେମାନଙ୍କ ଜିଲାର ଶିକ୍ଷା ସ୍ଥିତିର ସଦ୍ୟ ରିପୋର୍ଟ ପ୍ରଦାନ କରିଥିଲେ । ବୈଠକରେ ଓଡିଶା ଆଦର୍ଶ ବିଦ୍ୟାଳୟର ସ୍ଥିତି, ମଧ୍ୟାହ୍ନ ଭୋଜନର କାର୍ଯ୍ୟକାରିତା, ନିର୍ମାଣାଧୀନ ଗୃହର ସ୍ଥିତି, ଖାଲିଥିବା ଶିକ୍ଷକ ଶିକ୍ଷୟିତ୍ରୀ ପଦବୀ ସଂଖ୍ୟା, ଶିକ୍ଷାର ଉନ୍ନତି ନେଇ ରାଜ୍ୟସରକାରଙ୍କ ପକ୍ଷରୁ ଆରମ୍ଭ ହୋଇଥିବା ବିଭିନ୍ନ ଯୋଜନା ଏଠାରେ କିପରି କାର୍ଯ୍ୟ କରୁଛି ସେନେଇ ମନ୍ତ୍ରୀ ସମୀକ୍ଷା କରିଥିଲେ । ପ୍ରାରମ୍ଭରେ ମନ୍ତ୍ରୀ ଦାଶ ତାଙ୍କ ପାରମ୍ଭିକ ବକ୍ତବ୍ୟରେ ରାଜ୍ୟ ସରକାରଙ୍କ ୫-ଟି ବ୍ୟବସ୍ଥାର ସଫଳତାକୁ ନେଇ ଖୁସି ପ୍ରକାଶ କରିଥିଲେ। ଅବିଭକ୍ତ କୋରାପୁଟ ଜିଲାର ଶିକ୍ଷାର ମାନ ଓ ବ୍ୟବସ୍ଥାରେ ଉନ୍ନତି ନେଇ ମୁଁ ସ୍ୱତନ୍ତ୍ର ଦୃଷ୍ଟି ଦେଇ କାର୍ଯ୍ୟ କରିଛି । ତେଣୁ ଏହି ଜିଲାଗୁଡିକରେ ଶିକ୍ଷା ବ୍ୟବସ୍ଥାରେ ପ୍ରଗତି ହୋଇଥିବା ପ୍ରକାଶ କରଥିଲେ । ଆଦର୍ଶ ବିଦ୍ୟାଳୟରେ ଛାତ୍ରୀନିବାସ ନେଇ ପଦକ୍ଷେପ ନେବା, ମଧ୍ୟାହ୍ନ ଭୋଜନ କାର୍ଯ୍ୟକ୍ରମରେ ଶିକ୍ଷକମାନଙ୍କୁ ଦୂରେଇ ରଖିବା ନେଇ ପଦକ୍ଷେପ ନିଆଯାଇଥିବା, ବିଦ୍ୟାଳୟରେ ଶିକ୍ଷକଶିକ୍ଷୟିତ୍ରୀ ଓ ପିଲାମାନଙ୍କ ଉପସ୍ଥିତି ନେଇ ବ୍ଲକ ଶିକ୍ଷା ଅଧିକାରୀ, ଅତିରିକ୍ତ ଶିକ୍ଷାଧିକାରୀ , ସିଆରସିସିମାନେ ବିଦ୍ୟାଳୟ ପରିଦର୍ଶନ କରି ବିସ୍ତୃତ ରିପୋର୍ଟ ସଂଗ୍ରହ କରି ଜିଲା ଶିକ୍ଷା ଅଧିକାରୀଙ୍କୁ ପ୍ରଦାନ କରିବା, ମୋସ୍କୁଲ ଅଭିଯାନରେ ମାଲକାନାଗିରି ଜିଲାର ୧୩ଶହ ବିଦ୍ୟାଳୟରୁ ବର୍ତ୍ତମାନ ସୁଦ୍ଧା ୧୧ଶହ ସ୍କୁଲରେ କାର୍ଯ୍ୟକାରୀ ହେବା, ବିଦ୍ୟାଳୟର ଛାତ୍ରୀଛାତ୍ରମାନଙ୍କୁ ବାଇସାଇକେଲ ପ୍ରଦାନ ଯୋଜନାର ଅଗ୍ରଗତି ନେଇ ସମୀକ୍ଷା କରିଥିଲେ। ବର୍ତ୍ତମାନ ସୁଦ୍ଧା ମାଲକାନଗିରି ଜିଲାରେ ୩ ହଜାର ବାଇସାଇକେଲ ପ୍ରଦାନ କରାଯାଇନାହିଁ ବୋଲି ପ୍ରକାଶ କରିଥିଲେ । ସେହିପରି ମାସିକ ୪ ଥର ଅଭିଭାବକମାନଙ୍କ ବୈଠକ କରିବା ନେଇ ପରାମର୍ଶ ଦେଇଥିଲେ। ଜିଲାରେ ଖାଲିଥିବା ଶିକ୍ଷକ ପଦବୀ ନେଇ ସରକାର ଅତିଶୀଘ୍ର ପଦକ୍ଷେପ ନେବେ ବୋଲି ପ୍ରକାଶ କରିଛନ୍ତି । ୬ ବର୍ଷ ପୁର୍ବେ ଜିଲାରେ ନିଯୁକ୍ତି ପାଇଥିବା ସମସ୍ତ ଶିକ୍ଷକଙ୍କୁ ଆସନ୍ତା ୬ ତାରିଖରେ ସ୍ଥାୟୀ କରାଯିବ ବୋଲି ମନ୍ତ୍ରୀ ସୂଚନା ଦେଇଥିଲେ । ସେହିପରି ୪ ଜିଲାରେ ଡିଆଇଇଟିରେ ଗୃହ ନେଇ ସମୀକ୍ଷା କରିଥିଲେ । ବିଦ୍ୟାଳୟର ଗୃହର ନିର୍ମାଣ କାର୍ଯ୍ୟ ଅଗ୍ରଗତି ତଥା କାର୍ଯ୍ୟ ଶେଷ କରିବାକୁ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ । ଛାତ୍ର ବୃତ୍ତି ଦେବା , ଅବିଭକ୍ତ କୋରାପୁଟ ଜିଲାରେ ମଧ୍ୟାହ୍ନ ଭୋଜନ ନିମନ୍ତେ ଥିବା କେନ୍ଦ୍ରୀୟ ରୋଷେଇଶାଳାରେ ନିମ୍ନମାନର ଖାଦ୍ୟ ପ୍ରସ୍ତୁତିକୁ ମନ୍ତ୍ରୀ ସ୍ୱୀକାର କରିଥିଲେ। ଏନେଇ ରାଜ୍ୟ ସରକାର ଚିନ୍ତା କରୁଛନ୍ତି ବୋଲି କହିଥିଲେ । ଏହି ବୈଠକରେ କୋଟପାଡ ବିଧାୟିକା ତଥା ରାଜ୍ୟ ହସ୍ତତନ୍ତ ଓ ବୟନ ଶିଳ୍ପ ମନ୍ତ୍ରୀ ପଦ୍ମିନୀ ଦିଆନ, କୋରାପୁଟ ଜିଲାପାଳ ମଧୁସୁଦନ ମିଶ୍ର, କୋରାପୁଟ ବିଧାୟକ ରଘୁରାମ ପଡାଲ, ଜୟପୁର ବିଧାୟକ ତାରାପ୍ରସାଦ ବାହିନୀପତି, ପଟ୍ଟାଙ୍ଗି ବିଧାୟକ ପ୍ରୀତମ ପାଢୀ, ଲକ୍ଷ୍ମୀପୁର ବିଧାୟକ ପ୍ରଭୁ ଜାନି, ରାୟଗଡା ବିଧାୟକ ମକରନ୍ଦ ମୁଦୁଲି, ଗୁଣୁପୁର ବିଧାୟକ ରଘୁନାଥ ଗମାଙ୍ଗ, ଚିତ୍ରକୋଣ୍ଡା ବିଧାୟକ ପୂର୍ଣ୍ଣଚନ୍ଦ୍ର ବାକା, ନବରଙ୍ଗପୁର ଏମପି ରମେଶ ଚନ୍ଦ୍ର ମାଝି, ଜିଲା ପରିଷଦ ଅଧ୍ୟକ୍ଷା ତୁଳସୀ କିର୍ସାନୀ, ଜିଲା ଶିକ୍ଷା ଅଧିକାରୀ ପ୍ରମୋଦ କୁମାର ପଣ୍ଡା, ପୂର୍ଣ୍ଣଚନ୍ଦ୍ର ବରିହା, ଚନ୍ଦ୍ରଶେଖର ପାଣିଗ୍ରାହୀ ପ୍ରମୁଖ ଉପସ୍ଥିତ ଥିଲେ । ବୈଠକରେ ପରେ ମନ୍ତ୍ରୀ କୋରାପୁଟ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ , କୋରାପୁଟ କସ୍ତୁରବାଗାନ୍ଧୀ ବାଳିକା ଉଚ୍ଚ ବିଦ୍ୟାଳୟ ପରିଦର୍ଶନ କରିଥିଲେ । କୋରାପୁଟ କେଜିବିଭି ବିଦ୍ୟାଳୟ ପରିଦର୍ଶନବେଳେ ସେଠାରେ ହୋଇଥିବା ମଧ୍ୟାହ୍ନ ଭୋଜନ ଯାଞ୍ଚ କରିଥିଲେ । ଖାଦ୍ୟ ନିମ୍ନମାନର ଦେଖି ଅସନ୍ତୋଷ ବ୍ୟକ୍ତ କରିଥିଲେ ।

### 'ଟ୍ରାଫିକ ସମସ୍ୟା ଦୂର ନେଇ ଲୋକଙ୍କ ସହାୟତା ଆବଶ୍ୟକ'

ଜୟପୁର, ୨୯। ୧୦ (ଡି.ଏନ.ଏ)

ଜୟପୁର ସହରର ଟ୍ରାଫିକ ସମସ୍ୟା ଦୂର ନିମନ୍ତେ ସାଧାରଣ ଲୋକଙ୍କ ସହାୟତା ଆବଶ୍ୟକ । କୋରାପୁଟ ଜିଲା ଏସ୍‌ପି ମୁକେଶ କୁମାର ଭାମୋ ମଙ୍ଗଳବାର ଟାଉନଥାନାରେ ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ଏହା କହିଛନ୍ତି। ସହର ମୁଖ୍ୟରାସ୍ତାରେ ସେଣ୍ଟ୍ରାଲ ପାର୍କିଂ କରିବା ଉପରେ ଗୁରୁତ୍ୱାରୋପ କରିଥିଲେ। ସେହିପରି ଏଥିରେ ଦୋକାନୀମାନେ ନିଜର ସୁରକ୍ଷା କର୍ମଚାରୀଙ୍କ ଦ୍ୱାରା କାର୍ଯ୍ୟ କରିବାକୁ ପ୍ରସ୍ତାବ ଦେଇଥିଲେ । ଏଥିସହିତ ପୋଲିସ ପକ୍ଷରୁ ସହାୟତା କରାଯିବ ବୋଲି କହିଥିଲେ । କେବଳ ପୋଲିସ ଉପରେ ନିର୍ଭର କରାଯିବା ବଦଳରେ ଲୋକମାନେ ସଚେତନ ହେବାକୁ ଆହ୍ୱାନ ଦେଇଥିଲେ । ସେହିପରି ବିଧାୟକ ଏବଂ ଏମ୍‌ପିଙ୍କ ସହାୟତା ପାଣ୍ଠି ମାଧ୍ୟମରେ କାର, ବାଇକ ଏବଂ ଅନ୍ୟାନ୍ୟ ଗାଡି ଉଠାଯିବା ନେଇ ଏକ ଲିଫ୍ଟିଂ ଗାଡି କ୍ରୟ କରାଯିବାକୁ ପ୍ରସ୍ତାବ ଦେଇଥିବା କହିଥିଲେ । ସେହିପରି ସହରରେ ନୂତନ ଭାବେ ଫାଇବର କେବୁଲ ମାଧ୍ୟମରେ କ୍ୟାମେରା ସଂଯୋଗୀକରଣ ନେଇ ତାଙ୍କ ପ୍ରାଥମିକତା ରହିବ । ଗଞ୍ଜେଇ ଚାଲାଣକାରୀଙ୍କ ଉପରେ ଚଢାଉ ଆରମ୍ଭ କରାଯିବ । ଏନେଇ ଦୃଢ ପଦକ୍ଷପ ଗ୍ରହଣ କରାଯିବ । ମାସରେ ଦୁଇଦିନ ପୋଲିସ ଏବଂ ପରିବହନ ବିଭାଗ ମିଳିତ ଭାବେ ଯାଞ୍ଚ କରିବେ ବୋଲି କହିଛନ୍ତି। ବେଆଇନ ଭାବେ ମଦବିକ୍ରି ହେଉଥିବା ଦୋକାନ ଏବଂ ଭାଟି ଗୁଡିକ ଉପରେ ଚଢାଉ କରାଯିବ ବୋଲି ଏସ.ପି କହିଥିଲେ ।

## ଜାତୀୟ ବିପର୍ଯ୍ୟୟ ପ୍ରଶମନ ଦିବସ

# ପ୍ରଦର୍ଶିତ ହେଲା ବିଭିନ୍ନ କୌଶଳ


ଜଣେ ଅଗ୍ନିଶମ କର୍ମଚାରୀ କୌଶଳ ପ୍ରଦର୍ଶନ କରୁଛନ୍ତି ।

କୋରାପୁଟ,୨୯।୧୦(ସ୍ୱ.ପ୍ର)

କୋରାପୁଟ ଜିଲା ପ୍ରଶାସନ ପକ୍ଷରୁ ଓଡିଶା ବିପର୍ଯ୍ୟୟ ପ୍ରସ୍ତୁତି ଓ ଜାତୀୟ ବିପର୍ଯ୍ୟୟ ପ୍ରଶମନ ଦିବସ ସ୍ଥାନୀୟ ଷ୍ଟାଡିୟମ ପରିସରରେ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି । କୋରାପୁଟ ଓ ହାଲ୍‌ର ଅଗ୍ନିଶମ ବିଭାଗ, ଓଡ୍ରାଫ ଏବଂ ଜିଲା ବେସାମରିକ ପ୍ରତିରକ୍ଷା ବିଭାଗ ପକ୍ଷରୁ ବିପର୍ଯ୍ୟୟ ମୁକାବିଲା ନେଇ ଲୋକମାନଙ୍କୁ କିପରି ପ୍ରସ୍ତୁତ ହୋଇ ରହିବାକୁ ପଡିବ, ସେ ନେଇ ବିଭିନ୍ନ କୌଶଳ ମାଧ୍ୟମରେ ସଚେତନ କରିଥିଲେ । ସକାଳେ ସ୍ଥାନୀୟ ଜିଲାପାଳଙ୍କ କାର୍ଯ୍ୟାଳୟ ପରିସରରୁ ବାହାରିଥିବା ଏକ ସଚେତନତା ଶୋଭାଯାତ୍ରାକୁ ଜିଲାପାଳ ମଧୁସୂଦନ ମିଶ୍ର ସବୁଜ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ । ୧୯୯୯ ମହାବାତ୍ୟା ପରେ ରାଜ୍ୟ ସରକାରଙ୍କ ଦ୍ୱାରା ଏପରି ଦିବସ ପାଳନ ହୋଇଆସୁଥିବାବେଳେ ଏହାର ଉଦ୍ଦେଶ୍ୟ ଉପରେ ଆଲୋକପାତ କରିଥିଲେ । ଏଥିରେ ସହରର ବିଭିନ୍ନ ବିଦ୍ୟାଳୟର ଶତାଧିକ ଛାତ୍ରୀଛାତ୍ର ସାମିଲ ହୋଇ ବିପର୍ଯ୍ୟୟ ପରିଚାଳନା ସଂପର୍କିତ ବିଭିନ୍ନ ପ୍ଲାକାର୍ଡମାନ ଧରି ସହର ପରିକ୍ରମା କରି ଷ୍ଟାଡିୟମ ପରିସରରେ ପହଞ୍ଚିଥିଲେ। ଏଠାରେ ଆୟୋଜିତ ସଭାରେ କୋରାପୁଟ ଜିଲା ଜରୁରିକାଳୀନ ଅଧିକାରୀ ସିଦ୍ଧାର୍ଥ ପଟ୍ଟନାୟକ ଅଧ୍ୟକ୍ଷତା କରିଥିଲେ । ଅତିରିକ୍ତ ଜିଲାପାଳ ଦେବେନ କୁମାର ପ୍ରଧାନ ମୁଖ୍ୟ ଅତିଥିଭାବେ ଯୋଗଦେଇ ଜାତୀୟ ବିପର୍ଯ୍ୟୟ ପରିଚାଳନା ଦିବସର ମୁଖ୍ୟ ଉଦ୍ଦେଶ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ । ଏହି ଅବସରରେ ସମ୍ମାନିତ ଅତିଥି ଭାବେ ଡିଆରଡିଏ ପ୍ରକଳ୍ପ ନିର୍ଦ୍ଦେଶକ ପ୍ରବୀର ନାୟକ, କୋରାପୁଟ ଉପଜିଲାପାଳ ଲଳିତ କୁମାର କହଁର, ଜିଲା ପରିଷଦ ଉପାଧ୍ୟକ୍ଷ ଏନ. କାମିଡି, କୋରାପୁଟ ବ୍ଲକ ଅଧ୍ୟକ୍ଷା ନମିତା ମାଝି, ଜିଲା ବେସାମରିକ ପ୍ରତିରକ୍ଷାର ଉପନିୟନ୍ତ୍ରକ ରମାନାଥ ମିଶ୍ର ଯୋଗଦେଇ ପ୍ରାକୃତିକ ବିପର୍ଯ୍ୟୟ ପୂର୍ବରୁ କିପରି ଲୋକେ ଆଗୁଆ ସୂଚନା ପାଇପାରିବେ ଏବଂ ପ୍ରତ୍ୟେକ ନାଗରିକ ସ୍ୱେଚ୍ଛାସେବୀ ଭାବେ ଆଗକୁ ଆସି ସହାୟତା କରିବାକୁ ପରାମର୍ଶ ଦେଇଥିଲେ। ଏହି ଅବସରରେ ଛାତ୍ରୀଛାତ୍ରଙ୍କ ମଧ୍ୟରେ ଦୌଡ ପ୍ରତିଯୋଗିତା ଅନୁଷ୍ଠିତ ହୋଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା । ଏହି କାର୍ଯ୍ୟକ୍ରମକୁ ଜିଲା ଜରୁରୀ କାର୍ଯ୍ୟାଳୟର ଜିଲା ସଂଯୋଜକ ସମେତ ମୁଖ୍ୟ କିରାଣି ପ୍ରକାଶ ସାମଲ ପରିଚାଳନା କରିଥିଲେ ।



### ଆଇନଜୀବୀ ସଂଘର ବୈଠକ

ବୈପାରୀଗୁଡା, ୨୯।୧୦ (ଡି.ଏନ୍.ଏ)

ସ୍ଥାନୀୟ ପୂର୍ତ୍ତବଙ୍ଗଳାଠାରେ ଆଇନଜୀବୀ ସଂଘର ଏକ ବୈଠକ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି । ବୈଠକରେ ପ୍ରସ୍ତାବିତ ଜେଏଫଆର୍‌ସି କୋର୍ଟକୁ କାର୍ଯ୍ୟକ୍ଷମ କରିବାକୁ ଆଲୋଚନା କରାଯାଇଥିଲା । ଏଥି ନିମନ୍ତେ ସ୍ଥାନୀୟ ଅଞ୍ଚଳର ବୁଦ୍ଧିଜୀବୀ ,ରାଜନେତା ଓ ଗଣମାଧ୍ୟମ ପ୍ରତିନିଧିମାନେ ନିଜ ନିଜ ସ୍ତରରେ ଉଦ୍ୟମ କରିବାକୁ ଆହ୍ୱାନ ଦିଆଯାଇଥିଲା । ଦ୍ୱିତୀୟ ପର୍ଯ୍ୟାୟ ବୈଠକରେ ସଂଘର ନୂତନ କର୍ମକର୍ତ୍ତାମାନଙ୍କୁ ଚୟନ କରାଯାଇଥିଲା । ଏଥିରେ ଗୌରଚନ୍ଦ୍ର ପାତ୍ର ସଭାପତି, ବିଶ୍ୱଜିତ ନାୟକ ଉପସଭାପତି, ପ୍ରଦୀପ କୁମାର ସ୍ୱାଇଁ ସମ୍ପାଦକ, ଚିତ୍ତ ରଞ୍ଜନ ପାଳ ସହ ସମ୍ପାଦକ, ମନୋଜ କୁମାର ମହାପାତ୍ର କୋଷାଧ୍ୟକ୍ଷ , ରମେଶ ପାତ୍ର ଓ ପ୍ରଦୀପ କୁମାର ପ୍ରଧାନଙ୍କୁ ଉପଦେଷ୍ଟା ଭାବେ ମନୋନୀତ କରାଯାଇଛି । ସଂଘର ଅନ୍ୟ ସଦସ୍ୟ ଭାବେ ପ୍ରସନ୍ନ କୁମାର ଗୌଡ, ବୀରେନ କୁମାର ମହାପାତ୍ର , ଭୁବନେଶ୍ୱର ପଣ୍ଡା,ଦିଲୀପ କୁମାର ମହାନ୍ତି, ଆର୍.ଭାସ୍କର ରାଓ, ସୁଭ୍ରାଂଶୁଶେଖର ଜେନା ଓ ଅଭିମନ୍ୟୁ ରଗଡି ମନୋନୀତ ହୋଇଛନ୍ତି ।

### ପିଏମ୍‌ଏଫବିୱାଇ ତାଲିମ ଶିବିର

ଜୟପୁର,୨୯।୧୦(ଡି.ଏନ.ଏ)

କୋରାପୁଟ ଜିଲାରେ ଆସନ୍ତା ଖରିଫ ଧାନ ଫସଲର ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନା (ପିଏମଏଫବିୱାଇ)ରେ ସାମିଲ କରିବା ନେଇ ଏକ ତାଲିମ ଶିବିର ଜୟପୁର ବ୍ଲକ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷଠାରେ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି । ଶିବିରରେ ଜୟପୁର ଉପଖଣ୍ଡର ୫ଟି ବ୍ଲକର କୃଷି ଓଭରସିୟର, କୃଷି ଗ୍ରାମସେବକମାନେ ଯୋଗ ଦେଇଥିଲେ । ଏହି ଯୋଜନାରେ ଚାଷୀମାନଙ୍କୁ ଅଧିକ ସୁବିଧା ଓ ସ୍ୱଚ୍ଛତାକୁ ନେଇ ମୋବାଇଲରେ ଆପ୍ ମାଧ୍ୟମରେ ସୂଚନା ଦେବା ଓ ନେବା ନେଇ ତାଲିମ ପ୍ରଦାନ କରାଯାଇଥିଲା । ଆସନ୍ତା ଖରିଫ ଧାନ ଫସଲ କଟାଯିବା ପରେ ତଦାରଖ କରାଯାଇ ଧାନ ଫସଲ ନଷ୍ଟ ହୋଇଥିଲେ ବିମାଧାରୀମାନେ ଆବେଦନ କରିବେ। ଏଥିନେଇ ରାଜସ୍ୱ, କୃଷି ଏବଂ ବୀମା ଅଧିକାରୀମାନେ ଯାଞ୍ଚ ପରେ ସମ୍ପୃକ୍ତ ପଞ୍ଚାୟତର ୭ବର୍ଷ ମଧ୍ୟରେ ଧାନ ଫସଲ ଉତ୍ପାଦନର ତଦାରଖ କରାଯିବା ପରେ ଏହି ଯୋଜନା ଅନୁଯାୟୀ କ୍ଷତିପୂରଣ ପ୍ରଦାନ କରାଯିବ । ଏହି ଶିବିରରେ ଉପକୃଷି ନିର୍ଦ୍ଦେଶକ ପ୍ରଦୀପ ମହାନ୍ତି, ଜିଲା ପ୍ଲାନିଂ ମନିଟରିଂ ୟୁନିଟ ଅଧିକାରୀ ଏସ.କେ ବିଶ୍ୱାଳ ଏବଂ ପିଏମଏଫବିୱାଇ ଧୀରେନ୍ଦ୍ର ସିଂ ବରିହା ପ୍ରମୁଖ ଉପସ୍ଥିତ ରହି ତାଲିମ ପ୍ରଦାନ କରିଥିଲେ । ଏଥିରେ ୫ ବୀମା କମ୍ପାନୀର ଅଧିକାରୀମାନେ ଉପସ୍ଥିତ ଥିଲେ ।

### ୨୦୯ ହିତାଧିକାରୀଙ୍କୁ ପଟ୍ଟା ବଣ୍ଟନ

ଦାମନଯୋଡ଼ି/କୋରାପୁଟ, ୨୯।୧୦(ସ୍ୱ.ପ୍ର.)

କୋରାପୁଟ ବ୍ଲକ ମାଥାଲପୁଟ ପଞ୍ଚାୟତ ଅନ୍ତର୍ଗତ କୁଡୁମୁଲ ଗ୍ରାମବାସୀଙ୍କୁ ମିଳିଛି ଦୀପାବଳି ଭେଟି। ଗ୍ରାମର ୨୦୯ ହିତାଧିକାରୀଙ୍କୁ ଗ୍ରାମକଣ୍ଠ ପରମବକ ପଟ୍ଟା ବଣ୍ଟନ କରାଯାଇଛି। ଜିଲାପାଳ ମଧୁସୂଦନ ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ପଟ୍ଟା ବଣ୍ଟନ କାର୍ଯ୍ୟକ୍ରମକୁ ଭଗବାନ ପେଟିଆ ପରିଚାଳନା କରିଥିଲେ। ପଟ୍ଟାଙ୍ଗୀ ବିଧାୟକ ପ୍ରିତମ ପାଢ଼ୀ ମୁଖ୍ୟ ଅତିଥି, କୋରାପୁଟ ତହସିଲଦାର ନେହେରୁ ମାଝି, ଅତିରିକ୍ତ ତହସିଲଦାର ସସ୍ମିତା ଜେନା, ବ୍ଲକ ଉପାଧକ୍ଷ ମୁରଲି ଖରା, ସମିତି ସଭ୍ୟା ସୁମିତ୍ରା ଗୁଣ୍ଡା, ରାଜସ୍ୱ ପରିଦର୍ଶକ ଗୋଲକ ବିହାରୀ ପରିଡ଼ା, ରାଜସ୍ୱ ନୀରିକ୍ଷକ ବି. ଡମ୍ବରୁ ଯୋଗ ଦେଇଥିଲେ । ଏହି ପଟ୍ଟା ବଣ୍ଟା ଯିବା ପରେ ଗ୍ରାମର ରୂପରେଖ ନିଶ୍ଚୟ ବଦଳିବ ବୋଲି ଜିଲାପାଳ ତାଙ୍କ ବକ୍ତବ୍ୟରେ କହିବା ସହ ଗ୍ରାମବାସୀ ଗ୍ରାମର ଉନ୍ନତି ଦିଗରେ ସମ୍ମିଳିତ ହୋଇ ଯୋଜନା ପୂର୍ବକ କାର୍ଯ୍ୟ କରିବା ପାଇଁ ପରାମର୍ଶ ଦେଇଥିଲେ ।

## ଏମ୍‌ପିଙ୍କ ଦଶମନ୍ତପୁର ବ୍ଲକ ଗସ୍ତ

# ବିଭିନ୍ନ ସମସ୍ୟା ନେଇ କଲେ ଆଲୋଚନା

ଦଶମନ୍ତପୁର,୨୯।୧୦( ଡ଼ି.ଏନ.ଏ)


କର୍ମୀମାନେ ଶୋଭାଯାତ୍ରାରେ ଯାଉଛନ୍ତି।

କୋରାପୁଟ ଏମ୍‌ପି ସପ୍ତଗିରି ଉଲ୍ଲାକା ମଙ୍ଗଳବାର ଦଶମନ୍ତପୁର ବ୍ଲକ ଗସ୍ତ କରିଛନ୍ତି । କଂଗ୍ରେସର ଜିଲା କାର୍ଯ୍ୟକାରୀ ସଭାପତି ରୁପକ ତୁରୁକଙ୍କ ନେତୃତ୍ୱରେ କର୍ମୀମାନେ ଏକ ଶୋଭାଯାତ୍ରାରେ କରି ଏମପିଙ୍କୁ ପାଛୋଟି ନେଇଥିଲେ । ସ୍ୱାସ୍ଥ୍ୟକେନ୍ଦ୍ର ଛକଠାରୁ ବାହାରିଥିବା ଏହି ଶୋଭାଯାତ୍ରା ବ୍ଲକ କାର୍ଯ୍ୟାଳୟ ନିକଟରେ ପହଞ୍ଚିଥିଲା। ସହକାରୀ ଯନ୍ତ୍ରୀଙ୍କ କାର୍ଯ୍ୟାଳୟରେ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଡ଼ମ୍ବରୁଧର ମଲ୍ଲିକ, ସହକାରୀ ଯନ୍ତ୍ରୀ ଦାଶରଥି ମୁର୍ମୁ, ପୂର୍ବତନ ବିଧାୟକ କୈଳାସ ଚନ୍ଦ୍ର କୁଲିସିକା, କଂଗ୍ରେସ ବ୍ଲକ ସଭାପତି ହେମନ୍ତ ଖରା, ରମେଶ ଭତ୍ରା, ନରୀ ହିକ୍‌କା, ଦିଲିପ ବାଘଙ୍କ ସମେତ ବିଭାଗୀୟ ଅଧିକାରୀ ଏବଂ କନିଷ୍ଠ ଯନ୍ତ୍ରୀଙ୍କ ସହ ଶିକ୍ଷା, ସ୍ୱାସ୍ଥ୍ୟ, ପାନୀୟଜଳ, ରାସ୍ତା ସମସ୍ୟା ବିଷୟରେ ଆଲୋଚନା କରିଥିଲେ । ତୁରନ୍ତ ସମସ୍ୟା ସମାଧାନ ନେଇ ଗୋଷ୍ଠୀ ଉନ୍ନୟନ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ । ସେହିପରି ଗିଲିଗୁମ୍ମା ପଞ୍ଚାୟତ ଫୁଣ୍ଡାଗୁଡ଼ା ଗ୍ରାମରେ ଥିବା ପୁଡ଼ନଦୀ ପାଇଁ ୭ ଖଣ୍ଡ ଗ୍ରାମର ଲୋକେ ନାହିଁ ନ ଥିବା ସମସ୍ୟା ର ସମ୍ମୁଖୀନ ହେଉଛନ୍ତି। ଏଠାରେ ଏକ ପୋଲ ନିର୍ମାଣ ନେଇ ବ୍ଲକ ପ୍ରଶାସନ ସହ ଆଲୋଚନା କରିବା ସହ ଆକଳନ କରିଥିଲେ। ପରେ କଂଗ୍ରେସ ର ଏକ କର୍ମୀ ସମ୍ମିଳନୀରେ ଯୋଗ ଦେଇଥିଲେ । ଏଥିରେ ଆରକେ ମହାବିଦ୍ୟାଳୟ ଅଧ୍ୟକ୍ଷ ତ୍ରିନାଥ ପାଟିକା ସ୍ୱାଗତ କରିଥିଲେ । ୧୬ଟି ପଞ୍ଚାୟତର ଶତାଧିକ କର୍ମୀ ଯୋଗ ଦେଇଥିଲେ ।

## ଗୌଡ଼ଗୁଡ଼ାରେ ପଞ୍ଚାୟତସ୍ତରୀୟ ପରବ

# ମଞ୍ଚ ଦୁଲୁକେଇଲେ ଖଜୁରୀପୁଟ କଳାକାର

ଲକ୍ଷ୍ମୀପୁର,୨୯।୧୦(ଡି.ଏନ୍.ଏ.)



କଳାକାରମାନେ ନୃତ୍ୟ ପରିବେଷଣ କରୁଛନ୍ତି ।

ଲକ୍ଷ୍ମୀପୁର ବ୍ଲକ ଗୌଡ଼ଗୁଡ଼ା ପଞ୍ଚାୟତ ପଡିଆଠାରେ ପଞ୍ଚାୟତସ୍ତରୀୟ ପରବ-୨୦୧୯ ଅନୁଷ୍ଠିତ ହୋଇଯାଇଛି। ଗୌଡ଼ଗୁଡାର ଗ୍ରାମଦେବୀ ନିଷାଣିମୁଣ୍ଡାଠାରୁ ପାରମ୍ପରିକ ରୀତିରେ ପୂଜାର୍ଚ୍ଚନା କରାଯାଇ ଏକ ମଶାଲ ଶୋଭାଯାତ୍ରା ବାହାରି ପରବ ପଡିଆରେ ପହଞ୍ଚିଥିଲା । ଏଠାରେ ପଞ୍ଚାୟତ ସମିତି ଅଧକ୍ଷା ସୁଆର କୁଲେସିକା କାର୍ଯ୍ୟକ୍ରମକୁ ଶୁଭାରମ୍ଭ କରିଥିଲେ । ପରବ ପଡିଆଠାରେ ଖେଳକୁଦ ପ୍ରତିଯୋଗିତା କରାଯିବା ସହ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା । ପ୍ରତି ବିଭାଗର ଷ୍ଟଲଗୁଡିକ ଦର୍ଶକମାନଙ୍କୁ ମୁଗ୍ଧ କରିଥିଲା। ଜିଲା ଲୋକକଳା ଗ୍ରାମ ଖଜୁରିପୁଟର କଳାକାରମାନଙ୍କ ନୃତ୍ୟରେ ପରବ ମଞ୍ଚ ଦୁଲୁକି ଉଠିଥିଲା । ଏହି କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥିଭାବେ ପୂର୍ବତନ ଏମ୍‌ପି ଝିନ୍ନ ହିକ୍‌କା , ବିଡିଓ ବେଣୁଧର ଶବର, ଏବିଡିଓ ପ୍ରସନ୍ନ କୁମାର ଷଡଙ୍ଗୀ, ଏବିଓ ଦୈତାରୀ ଦାଶ, ମଙ୍ଗଳ ଅଧିକାରୀ ପ୍ରଦୀପ୍ତ କୁମାର ମିଶ୍ର, ବିଏସ୍‌ଏସ୍ ଓ କାର୍ତ୍ତିକ ପାଢ଼ୀ, ଜିଲା ପରିଷଦ ସଭ୍ୟ ପ୍ରେମଚନ୍ଦ୍ର ଡଙ୍ଗରୀ ଯୋଗ ଦେଇ ଅଞ୍ଚଳର କଳା ସଂସ୍କୃତି ବଜାୟ ରଖି ଲୁକ୍କାୟିତ କଳା ପ୍ରତିଭାକୁ ଲୋକ ଲୋଚନକୁ ଆଣିବା ଏକମାତ୍ର ମାଧମ ହେଉଛି ପରବ ବୋଲି କହିଥିଲେ । ଗୌଡ଼ଗୁଡା, ଭିତରଗଡ଼ ଓ କାକିରଗୁମ୍ମା ସରପଞ୍ଚ ଡମ୍ବରୁ ମୁଦୁଲି, ଶ୍ରୀଧର ସାଉନ୍ତା, ପାର୍ବତୀ ହିକ୍‌କା ଏହାକୁ ଆୟୋଜନ କରିଥିଲେ ।

ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୬ Press Regd. No. ORIORI/2011/36305 Postal Regd. No. BN/42/18-20. ରାୟଗଡ଼ା, ବୁଧବାର, ଅକ୍ଟୋବର ୩୦/୨୦୧୯ Rayagada, Wednesday, October. 30/2019

## ସଂକ୍ଷେପରେ

### ଜବାଗୁଡ଼ା ପଞ୍ଚାୟତ ସମିତିସଭ୍ୟ ଉପନିର୍ବାଚନ ପାଇଁ ତାରିଖ ଘୋଷଣା

ଡାବୁଗାଁ,୨୯।୧୦(ଡି.ଏନ.ଏ.): ନବରଙ୍ଗପୁର ଜିଲା ଡାବୁଗାଁ ବ୍ଲକ ଅଧୀନ ଜବାଗୁଡା ପଞ୍ଚାୟତର ସମିତିସଭ୍ୟ ଉପନିର୍ବାଚନ ନିମନ୍ତେ ତାରିଖ ମଙ୍ଗଳବାର ଘୋଷଣା କରାଯାଇଛି । ଉପନିର୍ବାଚନ ପାଇଁ ଡାବୁଗାଁ ପଞ୍ଚାୟତ ସମିତି ନିର୍ବାଚନ ମଣ୍ଡଳୀରେ ନିର୍ବାଚନ ଅଧିକାରୀ ତଥା ବିଡିଓ ରଞ୍ଜିତାମେରୀ ନାୟକଙ୍କ ଦ୍ୱାରା ନୋଟିସ ଜାରି କରାଯାଇଛି । ବିଡିଓଙ୍କ କାର୍ଯ୍ୟାଳୟରେ ଆସନ୍ତା ୩୦।୧୦।୧୯ ଠାରୁ ୨।୧୧।୧୯ ମଧ୍ୟରେ ପୂର୍ବାହ୍ନ ୧୧ଟାରୁ ଅପରାହ୍ନ ୩ଟା ପର୍ଯ୍ୟନ୍ତ ନାମାଙ୍କନ ଆବେଦନ ପତ୍ର ମିଳିବା ସହ ଏହି ସମୟ ମଧ୍ୟରେ ନାମାଙ୍କନ ପତ୍ର ଦାଖଲ କରାଯିବ । ୪।୧୧।୧୯ ତାରିଖ ପୂର୍ବାହ୍ନ୧୧ ଟାରୁ ସମାପ୍ତ ହେବା ପର୍ଯ୍ୟନ୍ତ ନାମାଙ୍କନ ପତ୍ର ଯାଞ୍ଚ କରାଯିବ। ୭।୧୧।୧୯ ତାରିଖ ପୂର୍ବାହ୍ନ ୧୧ ଟା ମଧ୍ୟରେ ନାମାଙ୍କନ ପତ୍ର ପ୍ରତ୍ୟାହାର କରିପାରିବେ । ୨୭।୧୧।୧୯ ତାରିଖ ସକଳ ୭ଟା ରୁ ମଧ୍ୟାନ୍ନ ୧୨ ଟା ପର୍ଯ୍ୟନ୍ତ ଭୋଟଦାନ କରାଯିବ। ୨୮।୧୧।୧୯ ତାରିଖରେ ବ୍ଲକ କାର୍ଯ୍ୟାଳୟରେ ଭୋଟ ଗଣତି କରାଯିବ ବୋଲି ସୂଚନା ମିଳିଛି । ଏନେଇ ବ୍ଲକ କାର୍ଯ୍ୟଳୟ ସମେତ ସମସ୍ତ ପଞ୍ଚାୟତ କାର୍ଯ୍ୟଳୟର ନୋଟିସ ଜାରି କରାଯାଇଛି।

### ଭଣ୍ଡାରଘରଣୀ ଗ୍ୟାସ୍ ଏଜେନ୍ସିରୁ ଚୋରି ଘଟଣା

## ୨ ଯୁବକ ଅଟକ

### ଅନ୍ୟ ଏକ ଚୋରି ଘଟଣାରେ ପୋଲିସ ହାତ ଖାଲି

ନବରଙ୍ଗପୁର,୨୯।୧୦(ବି.ପ୍ର.): ସ୍ଥାନୀୟ ରାଜୁ ସାହି ସ୍ଥିତ ଭଣ୍ଡାର ଘରଣୀ ଗ୍ୟାସ ଏଜେନ୍ସି ଅଫିସରୁ ରବିବାର ରାତିରେ ୩ ଲକ୍ଷ ୩୫ ହଜାର ଟଙ୍କା ଚୋରୀ ହୋଇଥିଲା। ସିସିଟିଭି ଫୁଟେଜ, ସନ୍ଧାନୀ କୁକୁର ଓ ଅନ୍ୟ ବୈଷୟିକ ଟ୍ରାକିଂ ମାଧମ କରି ଏତଲା ଦେବାର ୧୫ ଘଣ୍ଟା ମଧ୍ୟରେ ନବରଙ୍ଗପୁର ପୋଲିସ ୨ ଜଣକୁ ଥାନାରେ ଅଟକ ରଖି ପଚରାଉଚରା କରୁଛି। ତେବେ ଗତ ୨୩ ତାରିଖରେ ହୋଇଥିବା ଚୋରି ଘଟଣାରେ ପୋଲିସ କାହାରିକୁ ଏ ପର୍ଯ୍ୟନ୍ତ ଗିରଫ କରି ପାରି ନାହିଁ। ସ୍ଥାନୀୟ ଗାୟତ୍ରୀ ନଗର ଅଞ୍ଚଳରେ ପିତବାସ ଗାହାଣଙ୍କ ଘରେ ୨୩ ତାରିଖ ଦିନବେଳେ ଚୋର ମାନେ ପଶି ପ୍ରାୟ ଆଲମିରା ଖୋଲି ସାଢେ ୨ ଲକ୍ଷ ଟଙ୍କାର ସୁନା ଗହଣା ଓ ୮ ହଜାର ନଗଦ ଟଙ୍କା ଚୋରି କରି ଚାଲି ଯାଇଥିଲେ। ଏନେଇ ଥାନାରେ ଏକ ମାମଲା ରୁଜୁ ହୋଇଛି। ପିତବାସ ଡାବୁଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ନିଜ ଡ୍ୟୁଟିରେ ଚାଲି ଯାଇଥିବା ବେଳେ ତାଙ୍କ ସ୍ତ୍ରୀ ଏକ ଘରୋଇ କଲେଜରେ ଚାକିରି କରୁଥିବାରୁ ସେ ମଧ ଚାଲି ଯାଇଥିଲେ। କଲେଜରୁ ଫେରିବା ପରେ ଚୋରୀ ହୋଇଥିବା ଜାଣିବାକୁ ପାଇଥିଲେ । ଚୋର ମାନେ ଘର ପଛପଟ କବାଟ ତାଡି ପସିଥିଲେ। ପିତବାସ ରହୁଥିବା ଘର ନିକଟରେ ଏକ ନୂଆ ଘର ନିର୍ମାଣ କାର୍ଯ୍ୟ ଚାଲିଛି। ଚୋରୀ ଦିନ ଘର କାମ ବନ୍ଦ ରହିଥିଲା। ଚୋରି କରିଥିବା ଲୋକଙ୍କ କାଦୁଅ ଲାଗିଥିବା ପାଦ ଚିହ୍ନ ରହିଥିଲା । ଫୋରେନସିକ ଟିମ ପହଞ୍ଚି କିଛି ନମୂନା ସଂଗ୍ରହ କରି ଯାଇଛନ୍ତି। ତଥାପି ପୋଲିସ ଏହି ଘଟଣାରେ ଏ ପର୍ଯ୍ୟନ୍ତ କିଛି ବି ସୁରାକ ପାଇ ନାହିଁ।

# ବିଭିନ୍ନ ଦାବି ନେଇ ଆଶାକର୍ମୀଙ୍କ ବିକ୍ଷୋଭ

### ଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ

ନବରଙ୍ଗପୁର,୨୯।୧୦(ବି.ପ୍ର)

ଓଡିଶା ରାଜ୍ୟ ଆଶକର୍ମୀ ସଂଘ ନବରଙ୍ଗପୁର ଜିଲା ଶାଖା ପକ୍ଷରୁ ବିଭିନ୍ନ ଦାବି ନେଇ ରାଜ୍ୟପାଳ, ପ୍ରଧାନମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଜିଲାପାଳ ଅଜିତ କୁମାର ମିଶ୍ରଙ୍କୁ ମଙ୍ଗଳବାର ଏକ ଦାବିପତ୍ର ପ୍ରଦାନ କରାଯାଇଛି । ରାମମନ୍ଦିର ଠାରୁ ସଂଘ ପକ୍ଷରୁ ଏକ ଶୋଭାଯାତ୍ରା ବାହାରି ସହର ପରିକ୍ରମା କରି ଜିଲାପାଳଙ୍କ କାର୍ଯ୍ୟାଳୟରେ ପହଞ୍ଚିଥିଲା । ସେଠାରେ ବିକ୍ଷୋଭ ପ୍ରଦର୍ଶନ କରିବା ପରେ ଦାବିଗୁଡିକ ପାଠ କରାଯାଇଥିଲା । ଅଖିଳ ଭାରତୀୟ କୃଷି ଓ ଗ୍ରାମୀଣ ମଜଦୂର ମହାସଂଘର ସର୍ବଭାରତୀୟ ସଙ୍ଗଠନ ସମ୍ପାଦକ ବସନ୍ତ କୁମାର ସାହୁ ଏଥିରେ ଯୋଗ ଦେଇଥିଲେ। ଭାରତୀୟ ମଜଦୂର ସଂଘର ଜିଲା ସମ୍ପାଦକ ପରମେଶ୍ୱର ବିଷୋୟୀ, ଉପସଭାପତି ରଙ୍ଗନାଥ ଜେନା, ଅଶାକର୍ମୀ ସଂଘର ଜିଲା ସଭାନେତ୍ରୀ ମାଧୁରୀ ଦାଶ, ଜିଲା ସମ୍ପାଦିକା ସବିତା ପଣ୍ଡା, ନବରଙ୍ଗପୁର ବ୍ଲକ ସଭାନେତ୍ରୀ ମିନା କୁମାରୀ ପାତ୍ର ପ୍ରମୁଖ ଯୋଗ ଦେଇ ଅଶାକର୍ମୀଙ୍କ ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା



ଆଶାକର୍ମୀମାନେ ଶୋଭାଯାତ୍ରାରେ ଯାଉଛନ୍ତି।

କରି ମାସିକ ପ୍ରାରିଶ୍ରମିକ ଦେବା ପାଇଁ ଦାବୀ କରିଥିଲେ । ଅଶା କର୍ମୀମାନଙ୍କୁ ସରକାରୀ କର୍ମଚାରୀର ମାନ୍ୟତା, ଆଶା ଓ ଆଶା ସାଥୀମାନଙ୍କୁ କେନ୍ଦ୍ର ସରକାରଙ୍କ ବର୍ଦ୍ଧିତ ରାଶି ଓଡିଶା ସରକାର ସମ୍ପୂର୍ଣ୍ଣ ଭାବେ ଲାଗୁ କରୁ ନାହାଁନ୍ତି, ତୁରନ୍ତ ବର୍ଦ୍ଧିତ ରାଶି ପ୍ରଦାନ କରାଯାଉ ବୋଲି ଦାବୀ କରିଛନ୍ତି। ଆଶାଙ୍କୁ ୧୮ ହଜାର ଓ ଆଶା ସାଥି ମାନଙ୍କୁ ୨୪ ହଜାର ଟଙ୍କା ପ୍ରଦାନ ସହ ସାମାଜିକ ସୁରକ୍ଷା ତଥା ପ୍ରୋଭିଡେଣ୍ଟ ଫଣ୍ଡ, ମୃତ୍ୟୁକାଳିନ ୪ ଲକ୍ଷ ଟଙ୍କା କ୍ଷତିପୂରଣ, ବେତନ ବିହୀନ ଅଶା କର୍ମୀଙ୍କୁ ସ୍ୱାସ୍ଥ୍ୟ ସମ୍ପର୍କିତ କାର୍ଯ୍ୟରେ ନିୟୋଜିତ କରାଯିବା ପରିବର୍ତ୍ତେ ଅନେକ ସମୟରେ ବିଭିନ୍ନ ବିଭାଗର ବୈଠକକୁ ଡକାଯାଉଛି । ଏହା ଦ୍ୱାରା ଖର୍ଚ୍ଚାନ୍ତ ହେବାକୁ ପଡୁଛି । ଏନେଇ ଯାତାୟତ ଖର୍ଚ୍ଚ ପ୍ରଦାନ କରାଯାଉ ବୋଲି ଦାବୀରେ ଉଲ୍ଲେଖ କରିଛି । ବେସରକାରୀ ଡାକ୍ତରଖାନାରେ ଗର୍ଭବତୀ ଓ ପ୍ରସୂତିଙ୍କୁ ଚିକିତ୍ସା ବ୍ୟବସ୍ଥା ପାଇଁ ଆଶା ଯେଉଁ କାର୍ଯ୍ୟ କରୁଛି ତାହାର ପ୍ରାପ୍ୟ ପ୍ରଦାନ ସମେତ ମମତା ଯୋଜନାରେ ଆଶା କର୍ମୀଙ୍କୁ ପ୍ରୋତ୍ସାହନ ରାଶି ପ୍ରଦାନ କରାଯିବାକୁ ଜଣାଇଛନ୍ତି । ଏଥିସହ ଯୋଗ୍ୟ ଅଶା କର୍ମୀଙ୍କୁ ପଦୋନ୍ନତି ଦିଆଯିବା ପ୍ରମୁଖ ଦାବୀ କରିଛନ୍ତି।

### ନିର୍ମାଣ ହୋଇନି ନୂଆ ଗୃହ

## ପୁରୁଣା ଅଙ୍ଗନୱାଡି ଗୃହ ଭାଙ୍ଗିବାକୁ ନେଇ ଅସନ୍ତୋଷ

ତେନ୍ତୁଲିଖୁଣ୍ଟି, ୨୯।୧୦(ଡି.ଏନ.ଏ.)

ତେନ୍ତୁଲିଖୁଣ୍ଟି ବ୍ଲକ ପୁଜାରୀଗୁଡା ପଞ୍ଚାୟତ ଦିଶାଗୁଡାରେ ନୂଆ ଅଙ୍ଗନୱାଡି ଗୃହ ନିର୍ମାଣ ଆରମ୍ଭ କରିବା ପୂର୍ବରୁ ପୁରୁଣା ଅଙ୍ଗନୱାଡି ଗୃହକୁ ଭାଙ୍ଗିଦିଆଯାଇଛି । ଏହାକୁ ନେଇ ସ୍ଥାନୀୟ ଲୋକ ଅସନ୍ତୋଷ ପ୍ରକାଶ କରିଛନ୍ତି। ବର୍ତ୍ତମାନ ସ୍ଥିତିରେ ଦିଶାଗୁଡା ଅଙ୍ଗନୱାଡି କେନ୍ଦ୍ରର ପ୍ରାକ୍ ବିଦ୍ୟାଳୟ ଛାତ୍ରୀଛାତ୍ର କେଉଁଠି ଖାଇବେ ଏବଂ କେଉଁଠି ପାଠ ପଢିବେ ବୋଲି ଲୋକମାନେ ପ୍ରଶ୍ନ କରିଛନ୍ତି। ଗ୍ରାମର ସଦା ନାୟକ, ଭୀମ ପୂଜାରୀ, ଗଣେଶ ମାଝି, କୁମର ହରିଜନ, ମନୁ ଗୌଡ, ରତନ ନାୟକ ପ୍ରମୁଖ ପୁରୁଣା ଅଙ୍ଗନୱାଡି ଗୃହ ଭଙ୍ଗା ଯିବା ନେଇ ପ୍ରତିକ୍ରିୟା ପ୍ରକାଶ କରିଛନ୍ତି। ପ୍ରାକ୍ ଅଙ୍ଗନୱାଡି କେନ୍ଦ୍ରର ଛାତ୍ରୀଛାତ୍ରଙ୍କ କଥା କାହିଁକି ଚିନ୍ତା କରା ନ ଯାଇ ଗୃହକୁ ଭାଙ୍ଗି ଦିଆଯାଇଛି ବୋଲି ଅଙ୍ଗନୱାଡି କର୍ମୀ ଭାଗ୍ୟବତୀ ମୁଦୁଲି କହିଛନ୍ତି । ପିଲାମାନଙ୍କ ପାଇଁ ବିକଳ୍ପ ବ୍ୟବସ୍ଥା ତୁରନ୍ତ କରିବାକୁ ସ୍ଥାନୀୟ ଲୋକ କହିଛନ୍ତି। ପୁରୁଣା ଅଙ୍ଗନୱାଡି ଗୃହ ଭାଙ୍ଗିବା ନେଇ ବ୍ଲକ ଅଧକ୍ଷା ଦେବକୀ ନାୟକ ଏବଂ ସହକାରୀ ନିର୍ବାହୀ ଯନ୍ତ୍ରୀ କୌଣସି ପରାମର୍ଶ ଦେଇନାହାନ୍ତି ବୋଲି କହିଛନ୍ତି ।


ପୁରୁଣା ଗୃହକୁ ଭଙ୍ଗାଯିବାକୁ ନେଇ ଲୋକମାନେ ଅସନ୍ତୋଷ ପ୍ରକାଶ କରୁଛନ୍ତି।

# ନକଲି ସୁନାଶଙ୍ଖ ଦେଖାଇ ୨ ଲକ୍ଷ ୩୫ ହଜାର ଠକେଇ

### ୩ ଅଟକ, ଲକ୍ଷାଧିକ ଟଙ୍କା ଜବତ

ନବରଙ୍ଗପୁର,୨୯।୧୦(ବି.ପ୍ର)

ସୁନା ଶଙ୍ଖ ଦେଖାଇ ଲକ୍ଷାଧିକ ଟଙ୍କା ଠକେଇ। ପୂର୍ବରୁ ଏହପରି ଏକ ଘଟଣାର ଡାବୁଗାଁ ପୋଲିସ ଅଭିଯୁକ୍ତମାନଙ୍କୁ ଗିରଫ କରିଥିଲା। ପୁଣି ସେହିପରି ଏକ ଠକେଇ ଘଟଣା ପଦାକୁ ଆସିଛି। ଅସଲି ସୁନାଶଙ୍ଖ କହି ନକଲି ସୁନା ଶଙ୍ଖ ଦେଖାଇ ୨ ଲକ୍ଷ ୩୫ ହଜାରଟଙ୍କା ଠକି ନେବା ଅଭିଯୋଗରେ ନବରଙ୍ଗପୁର ପୋଲିସ ତିନିଜଣଙ୍କୁ ଅଟକ ରଖିଛି । ସେମାନଙ୍କ ଠାରୁ ଲକ୍ଷାଧିକ ଟଙ୍କା ପୋଲିସ ଜବତ କରିଛି। ଡାବୁଗାଁ ଅଞ୍ଚଳର ନନ୍ଦପୁର ଗାଁର ଜଣେ ଏବଂ ଅନ୍ୟ ଅଞ୍ଚଳର ଅନ୍ୟ ଦୁଇଜଣଙ୍କୁ ନବରଙ୍ଗପୁର ପୋଲିସ ଅଟକ ରଖି ପଚରାଉଚରା କରୁଛି । ପଶ୍ଚିମବଙ୍ଗ ହୁବୁଲି ଜିଲା ବଣ୍ଡଲ ଗାଁର ସହେୱଜ ଅଲ୍ଲି , ଡାବୁଗାଁ ନନ୍ଦପୁରା ଅଞ୍ଚଳର ରାଜ କୁମାର ସୁନା ସମେତ ଅନ୍ୟ ଦୁଇଜଣ ହାଇଦ୍ରାବାଦରେ କାମ କରୁଥିଲେ । ରାଜକୁମାର ଏକ ସୁନାଶଙ୍ଖ ସହେୱଜଙ୍କୁ ଦେଖାଇଥିଲେ। ହାଇଦ୍ରାବାଦରୁ ସହେୱଜ ଆସି ନବରଙ୍ଗପୁର ଥାନା ଅଧିନ ମାଝିଗୁଡା ନିକଟରେ ରାଜକୁମାରଙ୍କୁ ୪୦ ହଜାର ଦେଇଥିଲେ । ପରେ ପୂର୍ବ ୪୦ ହଜାର ଟଙ୍କା ସମେତ ୨ ଲକ୍ଷ ୩୫ ହଜାରଟଙ୍କା ଦେଇ ସୁନା ଶଙ୍ଖ ସହେୱଜ ନେଇଥିଲେ । ସୁନାଶଙ୍ଖ ନକଲି ବୋଲି ସହେୱଜ ଜାଣିବାକୁ ପାଇଥିଲେ । ନକଲି ସୁନାଶଙ୍ଖ ଦେଇ ଲକ୍ଷାଧିକ ଟଙ୍କା ଠକି ନେଇଥିବା ଜାଣିବା ପରେ ନବରଙ୍ଗପୁର ଥାନାରେ ଅଭିଯୋଗ କରିଥିଲେ। ଥାନାରେ ନଂ. ୨୬୭/୧୯ରେ ପୋଲିସ ମାମଲା ରୁଜୁ କରିଥିଲେ। ଏହି ଘଟଣାରେ ନବରଙ୍ଗପୁର ପୋଲିସ ୩ ଜଣଙ୍କୁ ଧରି ଅଟକ ରଖି ପଚରାଉଚରା କରୁଛି।

### ବିଇଓଙ୍କ ବିଦ୍ୟାଳୟ ପରିଦର୍ଶନ

## ୧୨ ଶିକ୍ଷୟିତ୍ରୀ,ଶିକ୍ଷକଙ୍କୁ କାରଣ ଦର୍ଶାଅ ନୋଟିସ

ତେନ୍ତୁଲିଖୁଣ୍ଟି, ୨୯।୧୦(ଡି.ଏନ.ଏ.)

ନବରଙ୍ଗପୁର ଜିଲା ତେନ୍ତୁଲିଖୁଣ୍ଟି ବ୍ଲକର କେତେକ ବିଦ୍ୟାଳୟକୁ ଗୋଷ୍ଠୀ ଶିକ୍ଷାଧିକାରୀ ଟି.ମିନତୀ ମଙ୍ଗଳବାର ପରିଦର୍ଶନରେ ଯାଇଥିଲେ। କର୍ତ୍ତବ୍ୟରେ ଅବହେଳା ପାଇଁ ଆଞ୍ଚଳିକ ସାଧନ ସଂଯୋଜକ , ଶିକ୍ଷକ ଶିକ୍ଷୟିତ୍ରୀଙ୍କୁ କାରଣ ଦର୍ଶାଅ ନୋଟିସ ଜାରି କରିଛନ୍ତି।ଏଥିସହ ଅକ୍ଟୋବର ମାସର ଦରମା ସ୍ଥଗିତ କରିବାକୁ ଆକାଉଣ୍ଟସ ସେକସନକୁ କହିଛନ୍ତି।ଏ ସମ୍ପର୍କରେ ଜିଲା ଶିକ୍ଷାଅଧିକାରୀଙ୍କୁ ଅବଗତ କରାଇଛନ୍ତି । ଅଞ୍ଚଳଗୁମ୍ମାର ଆଞ୍ଚଳିକ ସାଧନ ସଂଯୋଜକ ହେମନ୍ତ ମାଝି, କଣ୍ଟାଗାଁର ଆଞ୍ଚଳିକ ସାଧନ ସଂଯୋଜକ ମାଗୁଣି ଚରଣ ସ୍ୱାଇଁଙ୍କୁ କାରଣ ଦର୍ଶାଅ ନୋଟିସ ଜାରି କରିବା ସହ ଦରମା ସ୍ଥଗିତ ନୋଟିସ ଜାରି କରାଯାଇଛି। ନୂଆକୃଷ୍ଣଗୁଡାର ଶିକ୍ଷକ ଗୋବର୍ଦ୍ଧନ ମାଝି ଓ ମଙ୍ଗଳୁ ବିଶୋଇ, ଭରମାଝିଗୁଡାର ହରିଗଉଡ ଓ ପ୍ରେମାଞ୍ଜଳି ପଟ୍ଟନାୟକ, ବନ୍ଧୁଗୁଡାର କ୍ଷେତ୍ରମଣି ଖୁରା, ପ୍ରଭାକର ଜେନା, କିର୍ତ୍ତନ ରାଉତ, ନିଳାମ୍ବର ଜାନି ଓ ଇନ୍ଦ୍ରଜିତ ପ୍ରଧାନଙ୍କ ଦରମା ସ୍ଥଗିତ କରିବା ସହ କାରଣଦର୍ଶାଅ ନୋଟିସ ଜାରି କରାଯାଇଛି। କଣ୍ଟାଗାଁ ଉଚ୍ଚ ବିଦ୍ୟାଳୟର ଶିକ୍ଷକ ଚିତ୍ରସେନ ଜାନି, ମୁଣ୍ଡ୍ରାଗୁଡାର ତୀର୍ଥବାସୀ ଚଲାଣ ଓ ମହେନ୍ଦ୍ର କୁମାର ଜାନିଙ୍କ ଦରମା ସ୍ଥଗିତ ସାଙ୍ଗକୁ କାରଣଦର୍ଶାଅ ନୋଟିସ ଜାରି କରାଯାଇଛି।

## ଛାତ୍ରୀଛାତ୍ରଙ୍କୁ ବେଞ୍ଚ, ଡେସ୍କ ଯୋଗାଣ

କୋଡିଙ୍ଗା,୨୯।୧୦(ଡି.ଏନ.ଏ)

ନବରଙ୍ଗପୁର ଜିଲା କୋଡିଙ୍ଗା ଉନ୍ନିତ ଉଚ୍ଚ ବିଦ୍ୟାଳୟରେ ମୋ ସ୍କୁଲ ଅଭିଯାନରେ ଛାତ୍ରୀଛାତ୍ରଙ୍କ ପାଇଁ ବେଞ୍ଚ, ଡେସ୍କ ଯୋଗାଣ କରାଯାଇଛି। ମୋ ସ୍କୁଲ ଅଭିଯାନରେ ସ୍କୁଲ କର୍ମଚାରୀ ଓ ଗ୍ରାମବାସୀଙ୍କ ଉଦ୍ୟମରେ ୧୮ ହଜାର ଟଙ୍କା ସଂଗ୍ରହ କରାଯାଇ ଜମା କରାଯାଇଥିଲା। ନିୟମ ଅନୁଯାୟୀ ସରକାର ଏଥିରେ ୩୬ହଜାର ଟଙ୍କା ମିଶାଇ ସ୍କୁଲକୁ ପ୍ରଦାନ କରିଥିଲେ। ଏହି ୫୪ ହଜାର ଟଙ୍କାରେ ସ୍କୁଲ କର୍ତ୍ତୃପକ୍ଷ ଛାତ୍ରୀଛାତ୍ରମାନଙ୍କ ପାଇଁ ବେଞ୍ଚ ଡେସ୍କ ଯୋଗାଇ ଦେଇଥିଲେ। ଏହାକୁ ନେଇ ମଙ୍ଗଳବାର ଏକ ସଭାର ଆୟୋଜ କରାଯାଇଥିଲା। ଏଥିରେ ଗ୍ରାମର ବିଶିଷ୍ଟ ସାମାଜିକ କର୍ମୀ ଦୀନବନ୍ଧୁ ନାଏକ, ଧରମ ସିଂ, ଯୁବନେତା ବୁଦ୍ଧୁରାମ ଭତ୍ରା, ସ୍କୁଲ କମିଟି ସଭ୍ୟ ତ୍ରିଲୋଚନ ସିଂ ପ୍ରମୁଖ ଉପସ୍ଥିତ


ସଭାରେ ଉପସ୍ଥିତ ଛାତ୍ରୀଛାତ୍ର ଓ ଅନ୍ୟମାନେ।

**ମୋ ସ୍କୁଲ ଅଭିଯାନ**

ଥିଲେ। ଛାତ୍ରୀଛାତ୍ରମାନେ ବେଞ୍ଚ, ଡେସ୍କ ନ ଥିବା ଯୋଗୁ ତଳେ ବସୁଥିଲେ । ଏହିପ୍ରୟାସ ଦ୍ୱାରା କିଛି ଛାତ୍ରୀଛାତ୍ରଙ୍କୁ ବେଞ୍ଚ ଡେସ୍କ ମିଳିଛି। ଏଥିପାଇଁ ସ୍କୁଲର ପୂର୍ବତନ ପ୍ରଧାନ ଶିକ୍ଷୟିତ୍ରୀ ନମିତା ଘଡେଇଙ୍କ ପ୍ରୟାସକୁ ପ୍ରଶଂସା କରାଯାଇଥିଲା। ଏଥିରେ ସ୍କୁଲର ଭାରପ୍ରାପ୍ତ ପ୍ରଧାନଶିକ୍ଷୟିତ୍ରୀ ଜ୍ୟୋତ୍ସ୍ନା କୁମାରୀ ମଲ୍ଲୀକ, ବିଶ୍ୱେସ୍ୱର ସାହୁ, ପରିଚାଳନା କମିଟି ସଭାପତି ରଘୁ ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

### ମହିଳାଙ୍କୁ ସଂଘବଦ୍ଧ ଆକ୍ରମଣ, ୩ ଅଟକ

ଦିଗପହଣ୍ଡି,୨୮।୧୦( ଡି.ଏନ୍.ଏ.)

ଦିଗପହଣ୍ଡି ଥାନା ଉଙ୍କାରୀ ଗ୍ରାମର ଜଣେ ମହିଳାଙ୍କୁ ସଂଘବଦ୍ଧ ଆକ୍ରମଣ କରାଯାଇଥିବା ଅଭିଯୋଗ ହୋଇଛି। ଏଥିରେ ସମ୍ପୃକ୍ତ ୩ ଜଣ ଅଭିଯୁକ୍ତଙ୍କୁ ସୋମବାର ପୋଲିସ ଥାନାରେ ଅଟକ ରଖିଛି। ଆହାତ ମହିଳା ହେଲେ ରମେଶ ଗୌଡଙ୍କ କନ୍ୟା ହୀନା। ତାଙ୍କୁ ପ୍ରଥମେ ବ୍ରହ୍ମପୁର ବଡ ଡାକ୍ତରଖାନା ପରେ କଟକ ମେଡିକାଲକୁ ସ୍ଥାନାନ୍ତର କରାଯାଇଛି। ଗତ ରବିବାର ଦୀପାବଳି ପାଇଁ ଗ୍ରାମରେ ଆତସବାଜି ଦୋକାନ ଖୋଲିଥିଲା। ବିକ୍ରୟ ମୂଲ୍ୟକୁ କେନ୍ଦ୍ରକରି ଦୁଇ ପରିବାରଙ୍କ ମଧ୍ୟରେ ଗଣ୍ଡଗୋଳ ହୋଇଥିଲା। ଏଥିରେ ହୀନା ହସ୍ତକ୍ଷେପ କରିବାରୁ ତାଙ୍କୁ କିଛି ପୁରୁଷ ଓ ମହିଳା ସଂଘବଦ୍ଧ ଆକ୍ରମଣ କରିଥିଲେ। ଏ ନେଇ ହିନାଙ୍କ ବାପା ଥାନାରେ ଏତଲା ଦେଇଥିଲେ ସୁଦ୍ଧା କୌଣସି ମାମଲା ରୁଜୁ ହୋଇନାହିଁ।

## କଳାକାରଙ୍କ ବିୟୋଗରେ ସ୍ମୃତିସଭା

ରାଇଘର, ୨୯।୧୦(ଡି.ଏନ.ଏ)

ରାଇଘର ବ୍ଲକ ମଞ୍ଚ କଳାକାର ସଂଘ ତରଫରୁ ସୋମବାର ସ୍ୱର୍ଗତ କଳାକାରାଙ୍କୁ ଶ୍ରଦ୍ଧାଞ୍ଜଳି ପ୍ରଦାନ କରାଯାଇଥିଲା । ଦୀର୍ଘ ୨୪ବର୍ଷପୂର୍ବେରାଇଘର ବ୍ଲକମଞ୍ଚ କଳାକାର ସଂଘରେ ନାଟକ ଓ ଡ୍ରାମା କରୁଥିବା କେତେ ଜଣ କଳାକାରଙ୍କ ପରଲୋକ ଘଟିଛି । ସେମାନଙ୍କୁ ଶ୍ରଦ୍ଧାଞ୍ଜଳି ଦେବା ପାଇଁ ଏହି କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା। ସ୍ଥାନୀୟ ତପନ କଲ୍ୟାଣ ମଣ୍ଡପରେ ଆୟୋଜିତ ଏହି କାର୍ଯ୍ୟକ୍ରମକୁ ବରିଷ୍ଠ କଳାକାର ମହେନ୍ଦ୍ର ତ୍ରିପାଠୀ ପରିଚାଳନା କରିଥିଲେ। ଛତିଶଗଡର ବିଳାସପୁରର ସୁରେଶ କୁମାର କୁଳଦୀପ ଏହି କାର୍ଯ୍ୟକ୍ରମର ଆୟୋଜନ କରିଥିଲେ। କଳାକାର ଗିରିଧାରି ପଟ୍ଟନାୟକ, ରାଧାକୃଷ୍ଣ ମିଶ୍ର, ଲକ୍ଷ୍ମୀକାନ୍ତ ପାଣିଗ୍ରାହୀ, ଗୋଲକ ପ୍ରଧାନ, ରବିନ୍ଦ୍ର ନାଥ ଘଡେଇ, ଅଫଜଲ ଇମାମ (ନନକା) ଙ୍କୁ ଶ୍ରଦ୍ଧାଞ୍ଜଳି ପ୍ରଦାନ କରାଯିବା ସହ ସେମାନଙ୍କ କଳାକାର ଜୀବନୀ ଉପରେ ଆଲୋକପାତ କରାଯାଇଥିଲା। ସ୍ୱର୍ଗତ ଗିରୀଧାରି ପଟ୍ଟନାୟକଙ୍କ ଆତ୍ମ ଜୀବନୀ ଏବଂ କଳାକାର ସମୟର ଅନୁଭୂତି ଉପରେ ଅଧାପକ ତଥା ନାଟ୍ୟକାର ପରିକ୍ଷିତ ସାହୁ ଏବଂ ରାଧାକୃଷ୍ଣ ମିଶ୍ରଙ୍କ ବିଷୟରେ ନାଟ୍ୟକାର ପଦ୍ମନାଭ ରାଉତ ସୂଚନା ଦେଇଥିଲେ। ସେହିପରି ସ୍ୱର୍ଗତ ଲକ୍ଷ୍ମୀକାନ୍ତ ପାଣିଗ୍ରାହୀଙ୍କ ବିଷୟରେ ବୁଦ୍ଧିଜୀବୀ ପ୍ରତାପ କୁମାର ଭୂୟାଁ , ସ୍ୱର୍ଗତ ଗୋଲକ ପ୍ରଧାନଙ୍କ ବିଷୟରେ ଆଇନଜୀବି କିରଣ କୁମାର ପଟ୍ଟନାୟକ, ସ୍ୱର୍ଗତ ରବିନ୍ଦ୍ର ନାଥ ଘଡେଇଙ୍କ ବିଷୟରେ ସାମାଜିକ କର୍ମୀ ଦଶରଥ ରାଉତ ଏବଂ ସ୍ୱର୍ଗତ ଅଫଜଲ ଇମାମ (ନନକା)ଙ୍କ ବିଷୟରେ ନାଟ୍ୟକାର ତଥା ଲେଖିକା ମନୋରମା ମହାପାତ୍ର ସ୍ମୃତି ଚାରଣ କରିଥିଲେ । ଏବିଇଓ ସଚିନ ମଲ୍ଲିକ ଅତିଥି ଭାବେ ଯୋଗଦେଇ ମଞ୍ଚ ନାଟକ ଓ କଳାକାରଙ୍କ ଉପରେ ଆଲୋକପାତ କରିଥିଲେ। ଶିକ୍ଷକ ଅଭିରାମ ଲେଙ୍କା,ଶିକ୍ଷକ ବୁଲୁ ପାଣିଗ୍ରାହୀ, ପୂର୍ଣ୍ଣଚନ୍ଦ୍ର ବାରିକ, ରବିନ୍ଦ୍ର ନାଥ ବାହାନିପତି ପ୍ରମୁଖ ଉପସ୍ଥିତ ଥିଲେ। ଶିକ୍ଷକ ବିଜୟ କୁମାର ପାଢୀ ଧନ୍ୟବାଦ ଦେଇଥିଲେ।

# ପ୍ରାକୃତିକ ବିପର୍ଯ୍ୟୟ ପ୍ରଶମନ ଦିବସ ପାଳିତ

ନବରଙ୍ଗପୁର,୨୯।୧୦(ବି.ପ୍ର.)

ସ୍ଥାନୀୟ ଅଶୋକ ମେହେଟ୍ଟା ସମ୍ମିଳନୀ କକ୍ଷରେ ଜିଲାପାଳ ଅଜିତ କୁମାର ମିଶ୍ରଙ୍କ ଅଧ୍ୟକ୍ଷତାରେ ପ୍ରାକୃତିକ ବିପର୍ଯ୍ୟୟ ପ୍ରଶମନ ଦିବସ ମଙ୍ଗଳବାର ପାଳିତ ହୋଇଯାଇଛି। ଜରୁରୀକାଳୀନ ବିଭାଗ ପକ୍ଷରୁ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲାପାଳ ନିମାଇ ଚରଣ ସୂତାର, ସିଡିଏମଓ ସନ୍ତୋଷ କୁମାର ସ୍ୱାଇଁ, ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ହଳଧର ନିଆଲ, ଜିଲା ସାମାଜିକ ସୁରକ୍ଷା ଅଧିକାରୀ ମହେନ୍ଦ୍ର ବିଡିକା, ଜିଲା କ୍ରୀଡା ଅଧିକାରୀ ମହେନ୍ଦ୍ର କୁମାର ସାହୁ ମଞ୍ଚାସୀନ ଥିଲେ । ଜିଲା ଜରୁରୀକାଳୀନ ଅଧିକାରୀ ସୁକାନ୍ତ ପଟ୍ଟନାୟକ କାର୍ଯ୍ୟକ୍ରମ ସଞ୍ଚାଳନ କରିଥିଲେ । ପ୍ରାକୃତିକ ବିପର୍ଯ୍ୟୟ ଓ ଗୋଷ୍ଠୀ ସଶକ୍ତିକରଣ ନେଇ ବିଭିନ୍ନ ଛାତ୍ରୀଛାତ୍ରଙ୍କ ମଧ୍ୟରେ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା । ଇଂଲିସ ବକ୍ତୃତା ପ୍ରତିଯୋଗିତା କନିଷ୍ଠ ବର୍ଗରେ ଥିଓଡର ପବ୍ଲିକ ସ୍କୁଲର ଜରାନିଲଫର



ଜିଲାପାଳ କୃତୀ ଛାତ୍ରୀଙ୍କୁ ମାନପତ୍ର ପ୍ରଦାନ କରୁଛନ୍ତି।

ଇକୱାଲ ପ୍ରଥମ, ଓମପ୍ରିତ ବାହାଲି ଦ୍ୱିତୀୟ ଓ ୟୁନିକ ପବ୍ଲିକ ସ୍କୁଲର ଯସ୍ମିନ ମହାନ୍ତି ତୃତୀୟ ସ୍ଥାନ ପାଇଛନ୍ତି। ଓଡିଆ ବକ୍ତୃତାରେ ଆଇସିଡି ନୋଡାଲ ହାଇସ୍କୁଲର ଶ୍ରୀତମ ବେହେରା ପ୍ରଥମ, ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ସୁବୃଦ୍ଧି ପାଣିଗ୍ରାହୀ ଦ୍ୱିତୀୟ ଓ ପୂର୍ବଷା ଲେଙ୍କା ତୃତୀୟ ସ୍ଥାନ ପାଇଥିଲେ । ବରିଷ୍ଠ ବର୍ଗ ଇଂଲିସ ବକ୍ତୃତାରେ ସ୍ମାର୍ଟ ଗୁରୁକୁଳର ଓମଟିକା ଦାଶ ପ୍ରଥମ, ଶ୍ରୁତି ମିଶ୍ର ଦ୍ୱିତୀୟ ଓ ନବରଙ୍ଗପୁର ଡିଗ୍ରୀ କଲେଜର ପ୍ରଭାକର ରଥ ତୃତୀୟ ସ୍ଥାନ ପାଇଛନ୍ତି । ସେହିଭଳି ଓଡିଆ ବକ୍ତୃତାରେ ମଡେଲ ଡିଗ୍ରୀ କଲେଜର ଲାଲୁ ହରିଜନ ପ୍ରଥମ, ଜେମସ ମାର୍ଟିନ ମୁକୁନ୍ଦ ଓ ସ୍ମାର୍ଟ ଗୁରୁକୁଳର ଆଭାଶ୍ରୀ ଦାଶ ଯୁଗ୍ମ ଦ୍ୱିତୀୟ, ବିଦ୍ୟାର୍ଥୀ କଲେଜର ପୂର୍ଣ୍ଣିମା ତ୍ରିପାଠୀ ଓ ନବରଙ୍ଗପୁର ମହାବିଦ୍ୟାଳୟର ସାଧନା ମହାନ୍ତି ଯୁଗ୍ମ ତୃତୀୟ ସ୍ଥାନ ପାଇଛନ୍ତି । କନିଷ୍ଠ ବର୍ଗ ପ୍ରବନ୍ଧ ପ୍ରତିଯୋଗିତାରେ ଥିଓଡର ପବ୍ଲିକ ସ୍କୁଲର ଜରାନିଲପର ପ୍ରଥମ, ମେହେକ ଧାନଫୁଲ ଦ୍ୱିତୀୟ, ଏକଲବ୍ୟ ଆଦର୍ଶ ବିଦ୍ୟାଳୟର ବୈଶାଳି ସାହୁ ତୃତୀୟ ସ୍ଥାନ ପାଇଛନ୍ତି। ଓଡିଆ ପ୍ରବନ୍ଧ ପ୍ରତିଯୋଗୀତାରେ ପ୍ରଲିପ୍ତା ଦାଶ ପ୍ରଥମ, ପୂର୍ବଶା ଲେଙ୍କା ଦ୍ୱିତୀୟ ଓ ସିମନ ଦୀପ ପାତ୍ର ଓ ସମୃଦ୍ଧି ପାଣିଗ୍ରାହୀ ଯୁଗ୍ମ ତୃତୀୟ ହୋଇଥିଲେ । ସେହିଭଳି ବରିଷ୍ଠ ବର୍ଗ ଇଂଲିସ ପ୍ରବନ୍ଧ ପ୍ରତିଯୋଗୀତାରେ ଆନନ୍ଦ କୁମାର ଦାଶ ପ୍ରଥମ, ଓମଟିକା ଦାଶ ଦ୍ୱିତୀୟ, ଧନ ବରାଳ ଓ ଓମଶ୍ରୀୟା ସାହୁ ଯୁଗ୍ମ ତୃତୀୟ ସ୍ଥାନ ପାଇଥିଲେ । ଓଡିଆ ପ୍ରବନ୍ଧ ପ୍ରତିଯୋଗୀତାରେ ସୌମ୍ୟ ଦର୍ଶନୀ ପ୍ରଥମ, ପ୍ରାଚୀ ପରମିତା ପତି ଓ ସାଧନା ମହାନ୍ତି ଯୁଗ୍ମ ଦ୍ୱିତୀୟ, ସନ୍ତୋଷୀ ଦାଶ ତୃତୀୟ ସ୍ଥାନ ପାଇଥିଲେ । ଏହି ଅବସରରେ କୃତୀ ଛାତ୍ରୀଛାତ୍ରଙ୍କୁ ଜିଲାପାଳଙ୍କ ଦ୍ୱାରା ମାନପତ୍ର ଓ ଟ୍ରଫି ପ୍ରଦାନ କରାଯାଇଥିଲା ।






Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-34, Industrial Estate, Pita Mahal, Rayagada, Editor-Tathagata Satpathy, ସମ୍ପାଦକ– ତଥାଗତ ସତପଥୀ

ଧରିତ୍ରୀ
DHARITRI
ରାୟଗଡ଼ା, ବୁଧବାର, ୩୦ ଅକ୍ଟୋବର, ୨୦୧୯



ଯେତେବେଳେ ଧର୍ମର ହାନି ହୁଏ, ଅଧର୍ମ ପ୍ରବଳ ହୁଏ, ସେତେବେଳେ ଭଗବନା ସ୍ୱୀୟ ମାୟା ଭାବରେ ଶରୀର ଧାରଣ କରନ୍ତି। ଅଧର୍ମ ପ୍ରବଳ ଓ ଧର୍ମ ହୀନବଳ ହୋଇ ଆସିଲେ ଧର୍ମର ରକ୍ଷା ନିମିତ୍ତ ପୃଥିବୀରେ ଜନ୍ମ ଗ୍ରହଣ କରନ୍ତି।
-ବ୍ୟାସଦେବ



## ସଂକ୍ଷେପରେ

### ପଞ୍ଚାୟତସ୍ତରୀୟ ସମନ୍ୱୟ ମେଳା

ଚନ୍ଦ୍ରପୁର,୨୯।୧୦ (ଡି.ଏନ୍.ଏ.): ରାୟଗଡ଼ା ଜିଲା ଚନ୍ଦ୍ରପୁର ବ୍ଲକର ଡାଙ୍ଗସୋରଡା ସଦର ମହକୁମାସ୍ଥିତ ରାଜୀବ ଗାନ୍ଧୀ ସେବା କେନ୍ଦ୍ରରେ ମଙ୍ଗଳବାର ଡାଙ୍ଗସୋରଡା ଗ୍ରାମୀଣ ଉତ୍କଳ ବ୍ୟାଙ୍କ ଏବଂ ଓଡ଼ିଶା ଜୀବିକା ମିଶନ ମିଳିତ ଉଦ୍ୟମରେ ପଞ୍ଚାୟତସ୍ତରୀୟ ସମନ୍ୱୟ ମେଳା ଅନୁଷ୍ଠିତ ହୋଇଛି। ଏସ୍ଏଚ୍ଜି ମହିଳାମାନେ ସ୍ଥାନୀୟ ବ୍ୟାଙ୍କରୁ ଋଣ ନେଇ ଯେପରି ସ୍ୱାବଲମ୍ବୀ ହୋଇ ପାରିବେ ସେ ସମ୍ପର୍କରେ ଆଲୋଚନା କରାଯାଇଥିଲା। ଠିକ୍ ସମୟରେ ଋଣ ପରିଶୋଧ କରିପାରିବା ନେଇ ଅତିଥିମାନେ କହିଥିଲେ। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଉତ୍କଳ ଗ୍ରାମୀଣ ବ୍ୟାଙ୍କ ଶାଖା ପରିଚାଳକ ଶଙ୍କର ଦାସ ଉପସ୍ଥିତ ଥିଲେ। ସମ୍ମାନିତ ଅତିଥି ଭାବେ ଓଡ଼ିଶା ଜୀବିକା ମିଶନର ବ୍ଲକ ପ୍ରୋଗ୍ରାମ ମ୍ୟାନେଜର ଶ୍ରବଣ କୁମାର ସିଂ ଯୋଗ ଦେଇଥିଲେ। ୧୦ ଗୋଟି ଏସ୍ଏଚ୍ଜିକୁ ଛଅ ଲକ୍ଷ ଟଙ୍କା ବ୍ୟାଙ୍କ ତରଫରୁ ଋଣ ମଞ୍ଜୁର କରାଯାଇଥିଲା। କାର୍ଯ୍ୟକ୍ରମକୁ ଶ୍ରବଣ ସିଂ ସଂଯୋଜନା କରିଥିଲେ।

### ବସ୍‌କୁ ଧକ୍କା ଦେଲା ବସ୍

କୋଲନରା, ୨୯।୧୦(ଡି.ଏନ୍.ଏ.): କୋଲନରାରେ ଏକ ଘରୋଇ ବସ୍‌କୁ ଆଉ ଏକ ବସ୍ ଧକ୍କା ଦେଇଛି। ଏଥିରେ କେହି ମୃତାହତ ହୋଇ ନ ଥିବା ବେଳେ ବସ୍ ଦୁଇଟି ଭାଙ୍ଗି ଯାଇଛି। ପ୍ରକାଶ ଯେ, କୋଲନରା ବ୍ଲକ ୩୨୬ ନମ୍ବର ରାଜପଥରେ ପାରଳାଖେମୁଣ୍ଡିରୁ ରାୟଗଡ଼ା ଯାଉଥିବା ଏକ ବସ୍‌କୁ ଗୁଣପୁରରୁ ରାୟଗଡ଼ା ଯାଉଥିଲେ। ପାରଳାଖେମୁଣ୍ଡିରୁ ରାୟଗଡ଼ା ଯାଉଥିବା ବସ୍‌ଟି କୋଲନରା ବ୍ଲକ ଏଚ୍‌ପି ଗ୍ୟାସ ଗୋଦାମ ଆଗରେ ଯାତ୍ରୀ ଓହ୍ଲାଇବାବେଳେ ଆଉ ବସ୍‌ଟି ତାକୁ ଧକ୍କା ଦେଇଥିଲା। ଏଥିରେ କେହି ମୃତାହତ ହୋଇ ନାହାନ୍ତି। ଉଭୟ ବସ୍ ଭାଙ୍ଗି ଯାଇଛି।

### ଅଭିଭାବକ-ଅଧ୍ୟାପକ ସମ୍ମିଳନୀ




ଗୁଣପୁର,୨୯।୧୦(ଡି.ଏନ୍.ଏ.): ରାୟଗଡା ଜିଲା ଗୁଣପୁର ମହାବିଦ୍ୟାଳୟ ପଦାର୍ଥ ବିଜ୍ଞାନ ବିଭାଗରେ ଅଭିଭାବକ-ଅଧ୍ୟାପକ ସମ୍ମିଳନୀ ମଙ୍ଗଳବାର ଅନୁଷ୍ଠିତ ହୋଇଛି। ପଦାର୍ଥ ବିଜ୍ଞାନ ମୁଖ୍ୟ ଗଣେଶ୍ୱର ଶତପଥୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଅଧ୍ୟାପକ ଡ.ସୂର୍ଯ୍ୟ ନାରାୟଣ ପଣ୍ଡା, ସତିଶ ପଟ୍ଟନାୟକ, ସୁନିତା ଗମାଙ୍ଗ ଏବଂ ପରୀକ୍ଷାଗାର ସହାୟକ ପ୍ରସନ୍ନ ମିଶ୍ର ପ୍ରମୁଖ ଯୋଗ ଦେଇଥିଲେ। ଶିକ୍ଷାର୍ଥୀଙ୍କ ବିକାଶରେ ଅଭିଭାବକ ଓ ଅଧ୍ୟାପକମାନଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ ବୋଲି ଅତିଥିମାନେ କହିଥିଲେ। ଏହି ଅବସରରେ ଉପସ୍ଥିତ ଅଭିଭାବକମାନେ ନିଜ ମତ ରଖିଥିଲେ। ସେହିପରି ଉଦ୍ଭିଦ ବିଜ୍ଞାନ, ବାଣିଜ୍ୟ ବିଭାଗ, ସାହିତ୍ୟ ବିଭାଗ, ଅର୍ଥଶାସ୍ତ୍ର ଏବଂ କମ୍ପ୍ୟୁଟର ଜ୍ଞାନ ବିଭାଗ ପକ୍ଷରୁ ମଧ୍ୟ ଅଭିଭାବକ-ଅଧ୍ୟାପକ ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା।

### ବ୍ଲକସ୍ତରୀୟ ସୁରଭି

ମୁନିଗୁଡା,୨୯।୧୦(ଡ଼ି.ଏନ.ଏ): ରାୟଗଡା ଜିଲା ମୁନିଗୁଡା ଜିଟିଓ ବିଦ୍ୟାଳୟ ପରିସରରେ ବ୍ଲକସ୍ତରୀୟ ଶିଶୁ ମହୋତ୍ସବ ସୁରଭି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ମୁନିଗୁଡା ଗୋଷ୍ଠୀ ଶିକ୍ଷା ଅଧିକାରୀ ରାଧାକାନ୍ତ ଛତ୍ରୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁନିଗୁଡା ତହସିଲଦାର ଦେବାଶିଷ ଗୌଡ଼ ମୁଖ୍ୟଅତିଥି ଭାବେ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ L ୧୬ଟି କ୍ଲଷ୍ଟରର ଉତ୍ତୀର୍ଣ୍ଣ ଛାତ୍ରୀଛାତ୍ର ଏହି କାର୍ଯ୍ୟକ୍ରମରେ ଭାଗ ନେଇ ବିଭିନ୍ନ ପ୍ରତିଯୋଗିତାରେ ଅଂଶ ଗ୍ରହଣ କରିଥିଲେ। କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା ବୋଲି ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ଭାସ୍କର ରାଓ ସୂଚନା ଦେଇଛନ୍ତି। ଶେଷରେ ବରିଷ୍ଠ ଶିକ୍ଷକ ଦେବେନ୍ଦ୍ର ବେହେରା ଧନ୍ୟବାଦ ଦେଇଥିବା ବେଳେ ଶିକ୍ଷକ ଅକ୍ଷୟ ସାହୁ ମଞ୍ଚ ପରିଚାଳନା କରିଥିଲେ L ଉକ୍ତ କାର୍ଯ୍ୟକ୍ରମକୁ ବରିଷ୍ଠ ଶିକ୍ଷକ ପ୍ରବୀର ଲିମା, ପ୍ରଦୀପ କୁମାର ରତ୍ନାଲୁ, ରାଧାକାନ୍ତ ମହାପାତ୍ର, ନାରାୟଣ ପଣ୍ଡାଙ୍କ ସମେତ ସମସ୍ତ ପୁରାତନ ଓ ନୂତନ ସିଆର୍‌ସିସି ମାନେ ପରିଚାଳନା ଓ ସହଯୋଗ କରିଥିଲେ।



■ ମହିଳା,ଶିଶୁ ବିକାଶ ଓ ମିଶନ ଶକ୍ତି ପ୍ରମୁଖ ସଚିବଙ୍କ ମୁନିଗୁଡ଼ା ଗସ୍ତ

# ପାଠପଢ଼ା, ସ୍ୱାସ୍ଥ୍ୟସେବା ସମ୍ପର୍କରେ ପଚାରି ବୁଝିଲେ

■ବିଭିନ୍ନ ସ୍ଥାନରେ ଅଙ୍ଗନୱାଡି କେନ୍ଦ୍ର, ଉଠା ଜଳସେଚନ ପ୍ରକଳ୍ପ ବୁଲି ଦେଖିଲେ

■ଶିବପଦର ଆଶ୍ରମ ସ୍କୁଲ ଛାତ୍ରୀଛାତ୍ରଙ୍କ ସହ କଲେ ମଧ୍ୟାହ୍ନଭୋଜନ

ମୁନିଗୁଡ଼ା, ୨୯।୧୦(ଡି.ଏନ୍.ଏ.)

ମହିଳା, ଶିଶୁ ବିକାଶ ଓ ମିଶନ ଶକ୍ତି ପ୍ରମୁଖ ସଚିବ ଅନୁ ଗର୍ଗ ମଙ୍ଗଳବାର ମୁନିଗୁଡା ବ୍ଲକ ଗସ୍ତ କରି ବିଭିନ୍ନ ଯୋଜନା କିପରି କାର୍ଯ୍ୟକାରୀ କରୁଛି ତାହା ତଦାରଖ କରିଥିଲେ। ସେ ପ୍ରଥମେ ମୁନିଗୁଡା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ପହଞ୍ଚି ଔଷଧ ବିତରଣ କେନ୍ଦ୍ର ବୁଲି ଦେଖିଥିଲେ। ସେଠାରେ କିପରି ଔଷଧ ବିତରଣ କରାଯାଉଛି, ସେ ନେଇ ରୋଗୀମାନଙ୍କୁ ପଚାରି ବୁଝିଥିଲେ। ଏଥିସହ ସ୍ୱାସ୍ଥ୍ୟ କେନ୍ଦ୍ରର ବିଭିନ୍ନ ବିଭାଗ ବୁଲି ଦେଖିବା ସହ ସେଠାରେ ଥିବା ସମସ୍ୟା ସମ୍ପର୍କରେ ବୁଝିଥିଲେ। ହସ୍ପିଟାଲରେ କେତେଜଣ ଡାକ୍ତର ଅଛନ୍ତି ସେ ସମ୍ପର୍କରେ ମେଡିକାଲ ଅଫିସର ଡା. ସଞ୍ଜୟ କୁମାରଙ୍କୁ ପଚାରି ବୁଝିଥିଲେ। ସେଠାରୁ ସେ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟକୁ ଯାଇ ହଷ୍ଟେଲ ପରିଦର୍ଶନ କରିବା ସହ ସ୍କୁଲ ସମସ୍ୟା ଓ ପିଲାମାନଙ୍କ ପାଠପଢା ସମ୍ପର୍କରେ ପଚାରି ଥିଲେ। ସେ ଶିବପଦର ଆଶ୍ରମ ସ୍କୁଲରେ ମଧ୍ୟାହ୍ନ ଯାଞ୍ଚ କରିବା ସହ ପିଲାଙ୍କ ସହ ଖାଇଥିଲେ। ଏଥିସହ କରଡ଼ାବନ୍ଦ, ଭୁରୁସିଖୁମା, ଖୁଣ୍ଟବାଡ଼ି ଆଦି ସ୍ଥାନକୁ ପରିଦର୍ଶନରେ ଯାଇ ଅଙ୍ଗନୱାଡି, ଉଠା ଜଳସେଚନ କେନ୍ଦ୍ର ସହ ବିଭିନ୍ନ ପ୍ରକଳ୍ପ ବୁଲି ଦେଖିଥିଲେ। ଏହି ଗସ୍ତ ବେଳେ ରାୟଗଡା ଡିଆର୍‌ଡିଏ ପିଡି ଅମ୍ରିତ ଋତୁରାଜ, ଆଇଟିଡିଏ ଗୋରାଚାନ୍ଦ ଗମାଙ୍ଗ, ଡିଡବ୍ଲ୍ୟୁଓ ନନ୍ଦଲାଲ ବିଶ୍ୱାଳ, ସିଡିଏମ୍‌ଓ ଆର୍ତ୍ତବନ୍ଧୁ ନାୟକ, ଡିଏସ୍‌ଡବ୍ଲ୍ୟୁଓ ୱାହିଦା ବେଗମ, ମୁନିଗୁଡା ବିଡ଼ିଓ ଦିଲ୍ଲୀପ କୁମାର ବେହେରା, ସହକାରୀ ଯନ୍ତ୍ରୀ ରାମ ଚନ୍ଦ୍ର ପ୍ରଧାନ, ଏପିଓ ମାନସୀ ପାତ୍ର, ବିଏସ୍ଏସ୍‌ଓ ରଞ୍ଜିତା ବେହେରାଙ୍କ ସମେତ ବହୁ ଜିଲା ଓ ବ୍ଲକସ୍ତରୀୟ ଅଧିକାରୀ ଉପସ୍ଥିତ ଥିଲେ।



ମୁନିଗୁଡ଼ା ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟରେ ଅଧିକାରୀମାନେ।

# ଶ୍ରମ କାର୍ଡ ନାଁରେ ଡଙ୍ଗରିଆଙ୍କୁ ଠକେଇ

■ ଜିଲାପାଳ, ସହକାରୀ ଶ୍ରମାଧିକାରୀଙ୍କୁ ଭେଟି ଅଭିଯୋଗ ଜଣାଇଲେ



ଅଭିଯୋଗ ଜଣାଇବାକୁ ଆସିଥିବା ଡଙ୍ଗରିଆ କନ୍ଧମାନେ।

ରାୟଗଡ଼ା ଅଫିସ,୨୯।୧୦

ଶ୍ରମ କାର୍ଡ କରାଇ ଦେବା ନାଁରେ ପ୍ରାୟ ୧୦୦ଜଣ ଡଙ୍ଗରିଆଙ୍କୁ ୨ଜଣ ଦଲାଲ ଠକିଥିବା ଅଭିଯୋଗ ହୋଇଛି। ଏ ନେଇ ମଙ୍ଗଳବାର ଡଙ୍ଗରିଆ କନ୍ଧମାନେ ରାୟଗଡ଼ା ଜିଲାପାଳ ପ୍ରମୋଦ କୁମାର ବେହେରା ଓ ସହକାରୀ ଶ୍ରମ ଅଧିକାରୀ ଟୁଡୁ ଛୋଟରାୟଙ୍କୁ ଭେଟି ଅଭିଯୋଗ ଜଣାଇଥିଲେ।

ପ୍ରକାଶ ଯେ, ଶ୍ରମ କାର୍ଡ ନ ଥିବାରୁ ଡଙ୍ଗରିଆମାନେ ହଇରାଣ ହେଉଥିଲେ। ଏହାର ସୁଯୋଗ ନେଇ କଲ୍ୟାଣସିଂହପୁର ବ୍ଲକ ଚାନ୍ଦିଲି ଥାନା ଅଧୀନ ଜାଗୃତିଗୁଡ଼ାର ନିତ୍ୟାନନ୍ଦ ପ୍ରଧାନ ଏବଂ ବଡ଼ଦୁଆର ସାହିର ବିଶ୍ୱନାଥ ବିଭାର ଶ୍ରମିକ କାର୍ଡ କରାଇ ଦେବାକୁ କହି ପାଞ୍ଚକୋଡ଼ି, ପରାମାଲି, ଢ଼େପାପଡ଼ା, କାଣ୍ଡାସିରି, କାଡ୍ରକାବଣ୍ଡଲି ଗାଁର ୧୦୦ରୁ ଉର୍ଦ୍ଧ୍ୱ ଲୋକଙ୍କ ଠାରୁ ଟଙ୍କା ନେଇଛନ୍ତି। ଶ୍ରମ ଆୟୁକ୍ତଙ୍କ କାର୍ଯ୍ୟାଳୟରେ କାମ କରୁଛନ୍ତି। ତେଣୁ ସହଜରେ ଶ୍ରମ କାର୍ଡ କରାଇ ଦେବାକୁ କହି ଜଣଙ୍କ ପିଛା ୧୩୧୦ ଟଙ୍କା ନେଇଥିବା ଡ଼ଙ୍ଗରିଆ କନ୍ଧମାନେ ଅଭିଯୋଗ କରିଛନ୍ତି। ଶ୍ରମକାର୍ଡ଼ ପାଇଁ ୭୦ ଟଙ୍କା ଲାଗୁଥିବା ସମୟରେ ନିରୀହ ଅସହାୟଙ୍କୁ ଠକି ସେମାନଙ୍କଠାରୁ ଟଙ୍କା ଲୁଟି ନେଇଥିବାରୁ ଡ଼ଙ୍ଗରିଆମାନେ ଅସନ୍ତୋଷ ପ୍ରକାଶ କରିଛନ୍ତି। ଏହାର ତଦନ୍ତ କରି ଦୋଷୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବାକୁ ସେମାନେ ଜିଲାପାଳ ଓ ସହକାରୀ ଶ୍ରମ ଅଧିକାରୀଙ୍କ ନିକଟରେ ଦାବି କରିଛନ୍ତି। କାହାରିକୁ ଭରସା କରନାହିଁ। ସିଧାସଳଖ ଶ୍ରମ କାର୍ଯ୍ୟାଳୟକୁ ଆସି ସମସ୍ତ ସୁବିଧା ନିଅ। ଏହି ଘଟଣାର ତଦନ୍ତ କରି ଗ୍ରାମବାସୀଙ୍କୁ ନ୍ୟାୟ ମିଳିବ ବୋଲି ସହକାରୀ ଶ୍ରମାଧିକାରୀ କହିଛନ୍ତି।

## ଦୁର୍ଘଟଣାରେ ୨ ବାଇକ୍ ଚାଳକ ମୃତ

କଲ୍ୟାଣସିଂହପୁର, ୨୯।୧୦(ଡି.ଏନ୍.ଏ.)

ରାୟଗଡ଼ା ଜିଲା କଲ୍ୟାଣସିଂହପୁର ବ୍ଲକ ଶିକରପାଇ ପଞ୍ଚାୟତ ଅଧୀନ ଶାନ୍ତି ନଗର ଗ୍ରାମ ନିକଟରେ ମଙ୍ଗଳବାର ସନ୍ଧ୍ୟାରେ ଘଟିଥିବା ଏକ ଦୁର୍ଘଟଣାରେ ୨ ଜଣ ବାଇକ୍ ଚାଳକଙ୍କ ମୃତ୍ୟୁ ହୋଇଛି। ସେମାନେ ହେଲେ କୋଲନରା ବ୍ଲକ ଭେଜା ଗାଁର ନରି ଗାଣ୍ଟା(୪୨) ଓ ଶିକରପାଇର ବୁଡୁ ଗରଡିଆ(୪୫)।

ପ୍ରକାଶ ଯେ, ନରି ବାଇକ୍ (ଓଡ଼ି-୧୮ଏ-୪୩୨୩) ଯୋଗେ ଘରକୁ ଫେରୁଥିବା ବେଳେ ବିପରୀତ ଦିଗରୁ ଆସୁଥିବା ବୁଡୁଙ୍କ ବାଇକ୍ (ଓଆର୍-୨୬-୩୦୨୬) ସହ ତାଙ୍କର ଧକ୍କା ହୋଇଥିଲା। ଏହି ସମୟରେ ନରି ଘଟଣାସ୍ଥଳରେ ପ୍ରାଣ ହରାଇଥିଲେ। ବୁଡୁଙ୍କୁ ସ୍ଥାନୀୟ ଲୋକେ ଗୁରୁତର ଅବସ୍ଥାରେ ଉଦ୍ଧାର କରି ଶିକରପାଇ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ସେଠାରେ ତାଙ୍କର ମୃତ୍ୟୁ ହୋଇଥିଲା। ଖବରପାଇ କଲ୍ୟାଣସିଂହପୁର ଥାନା ଭାରପ୍ରାପ୍ତ ଅଧିକାରୀ କୁନି ଶବର ଓ ଦୀପ୍ତି ରଞ୍ଜନ ସାହୁ ଘଟଣାସ୍ଥଳରେ ପହଞ୍ଚି ବାଇକ୍ ଦୁଇଟିକୁ ଜବତ କରିଛନ୍ତି। ମୃତଦେହ ଦୁଇଟିକୁ ବ୍ୟବଚ୍ଛେଦ ପାଇଁ ପଠାଯାଇଛି।

# ହୋଟେଲରୁ ୮ ଜୁଆଡ଼ି ଗିରଫ

■୧ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କା, ୮ ମୋବାଇଲ, ୪ ବାଇକ୍ ଜବତ



ଖବରଦାତା ସମ୍ମିଳନୀରେ ଏସ୍‌ଡିପିଓ ସୂଚନା ଦେଉଛନ୍ତି।

ରାୟଗଡ଼ା ଅଫିସ,୨୯।୧୦

ସହରର ଏକ ହୋଟେଲରେ ସୋମବାର ବିଳମ୍ବିତ ରାତିରେ ଜୁଆଖେଳ ଚାଲିଥିବା ଖବରପାଇ ରାୟଗଡ଼ା ପୋଲିସ ଚଢାଉ କରିଥିଲା। ଏହି ସମୟରେ ପୋଲିସ ୮ଜଣ ଅଭିଯୁକ୍ତଙ୍କୁ ଗିରଫ କରିଛି। ସେମାନେ ହେଲେ ଭାନୁପ୍ରସାଦ ମାଝି (୩୫), ଗୌତମ ଜୈନ (୪୩ ), ମନୋଜ କୁମାର ରଥୀ (୪୪), ମୁକେଶ ଜୈନ (୩୯), ଆନନ୍ଦା ଜୈନ (୪୫), ଶୈଳେଶ କୁମାର(୪୬), ସାଜନ ଜୈନ (୪୯) ଦୀପକ ଜୈନ (୪୪)। ଅଭିଯୁକ୍ତମାନଙ୍କଠାରୁ ୧ଲକ୍ଷ ୩୫ ହଜାର ୧୦୦ ଟଙ୍କା, ୮ ମୋବାଇଲ, ୪ ବାଇକ ଜବତ କରାଯାଇଛି ବୋଲି ଏସ୍‌ଡିପିଓ ତପନ ନାରାୟଣ ରଥ ଖବରଦାତା ସମ୍ମିଳନୀରେ ସୂଚନା ଦେଇଛନ୍ତି। କେସ୍ ନମ୍ବର ୩୮୫/୧୯ ରେ ଏକ ମାମଲା ରୁଜୁ କରାଯାଇଛି। ଏସ୍‌ପି ସର୍ବଣା ବିବେକ ଏମ୍‌ଙ୍କ ନିର୍ଦ୍ଦେଶ କ୍ରମେ ଆଇଆଇସି ନୀହାର ରଞ୍ଜନ ପ୍ରଧାନ, ରିଗାନ କିଣ୍ଡୋ ପ୍ରମୁଖ ଚଢାଉରେ ସାମିଲ ଥିଲେ।

## ଅଗ୍ନିଶମ ବାହିନୀର ମକ୍‌ଡ୍ରିଲ୍



ଅଗ୍ନିଶମ କର୍ମଚାରୀ ଉଦ୍ଧାର କୌଶଳ ପ୍ରଦର୍ଶନ କରୁଛନ୍ତି।

ଗୁଣପୁର,୨୯।୧୦(ଡି.ଏନ୍.ଏ.)

ଗୁଣପୁର ସହର ବିକ୍ରମପୁରସ୍ଥିତ ବହୁମୁଖୀ ବାତ୍ୟା ଆଶ୍ରୟସ୍ଥଳୀରେ ମଙ୍ଗଳବାର ଜାତୀୟ ବିପର୍ଯ୍ୟୟ ପ୍ରଶମନ ଦିବସ ଅଗ୍ନିଶମ ବିଭାଗ ପକ୍ଷରୁ ପାଳିତ ହୋଇଯାଇଛି। ଏହି ଅବସରରେ ଅଗ୍ନିଶମ ବିଭାଗର ଅଧିକାରୀଙ୍କ ସହ ବିକ୍ରମପୁର ସ୍କୁଲର ଛାତ୍ରୀଛାତ୍ର ଏବଂ ଶିକ୍ଷକମାନେ ଉପସ୍ଥିତ ଥିଲେ। ପ୍ରାକୃତିକ ବିପର୍ଯ୍ୟୟ ସମୟରେ କିପରି ଉଦ୍ଧାର କରାଯିବ ସେ ନେଇ ଅଗ୍ନିଶମ ବିଭାଗ କୌଶଳ ପ୍ରଦର୍ଶନ କରିଥିଲେ।

## ଓଡ଼ିଶା ବିପର୍ଯ୍ୟୟ ପ୍ରସ୍ତୁତି ଦିବସ




କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥିମାନେ।

କୋଲନରା, ୨୯।୧୦(ଡି.ଏନ୍.ଏ.)

କୋଲନରା ବ୍ଲକ ସଦରସ୍ଥିତ ଓଡିଶା ଆଦର୍ଶ ବିଦ୍ୟାଳୟରେ ମଙ୍ଗଳବାର ବ୍ଲକ ପ୍ରଶାସନ ପକ୍ଷରୁ ଓଡିଶା ବିପର୍ଯ୍ୟୟ ପ୍ରସ୍ତୁତି ଦିବସ ପାଳନ କରାଯାଇଛି। ଏବିଡିଓ କେ. ଶିବ ଗୋପାଳ ରାଓ, ବିଏସ୍ଏସ୍‌ଓ ଶ୍ରୀକାନ୍ତ କୁମାର ପାଣିଗ୍ରାହୀ, ତହସିଲଦାର ମାନସୀ ନାୟକ, କୋଲନରା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଡାକ୍ତର ଜ୍ୟୋତ୍ସ୍ନାମୟୀ ରାଉତ, ପ୍ରିନ୍ସପାଲ ବୃନ୍ଦାବନ ନାୟକ ଓ ଅଗ୍ନିମ ବିଭାଗ କର୍ମଚାରୀମାନେ ଉପସ୍ଥିତ ଥିଲେ। ପ୍ରାକୃତିକ ବିପର୍ଯ୍ୟୟ ବେଳେ କ'ଣ ସବୁ ସତର୍କତା ଅବଲମ୍ବନ କରିବାକୁ ହେବ ସେ ନେଇ ଏବିଡିଓ ସୂଚନା ଦେଇଥିଲେ। ପ୍ରାକୃତିକ ବିପର୍ଯ୍ୟୟ ପରେ କ'ଣ ସବୁ ପଦକ୍ଷେପ ନେବା ଜରୁରୀ ସେ ନେଇ ଡାକ୍ତର ରାଉତ ବୁଝାଇଥିଲେ। ପ୍ରାକୃତିକ ବିପର୍ଯ୍ୟୟ ବେଳେ ଲୋକଙ୍କୁ କିଭଳି ଉଦ୍ଧାର କରାଯାଏ ସେ ନେଇ ଅଗ୍ନିଶମ ବିଭାଗ ମକ୍‌ଡ୍ରିଲ ଦେଖାଇଥିଲେ। ବିଏସ୍ଏସ୍‌ଓ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।



ମୁନିଗୁଡ଼ାରେ ମା'କାଳୀଙ୍କୁ ପୂଜାର୍ଚ୍ଚନା ।



ଗୁଡ଼ାରୀରେ ମା' କାଳୀଙ୍କ ମୃଣ୍ମୟୀ ମୂର୍ତ୍ତି।

## ପୁଣି ଏଟିଏମ୍ ଲୁଟ୍ ଉଦ୍ୟମ

### ସହରର ଅନେକ ଏଟିଏମ୍‌ରେ ନାହାନ୍ତି ସୁରକ୍ଷା କର୍ମୀ

ଗୁଣପୁର,୨୯।୧୦(ଡି.ଏନ୍.ଏ.)




ସୋମବାର ରାତ୍ରରେ ଗୁଣପୁର ସହର ମୁଖ୍ୟ ରାସ୍ତା ତଥା ୱେର ହାଉସ ଗୋଦାମ ସମ୍ମୁଖସ୍ଥ ଏସ୍‌ବିଆଇ ଏଟିଏମ୍‌କୁ ଦୁର୍ବୃତ୍ତମାନେ ଲୁଟ୍ ଉଦ୍ୟମ କରିଛନ୍ତି। କିନ୍ତୁ ସେମାନେ ଏଥିରେ ସଫଳ ହୋଇନହାନ୍ତି। ଏଟିଏମ୍‌କୁ ଭାଙ୍ଗି ଦେବା ସହ ସେଠାରେ ଲାଗିଥିବା ସିସି ଟିଭି କ୍ୟାମେରାକୁ ସେମାନେ ବୁଲାଇ ଦେଇଛନ୍ତି। ଖବରପାଇ ମଙ୍ଗଳବାର ସକାଳେ ବ୍ୟାଙ୍କ କର୍ତ୍ତୃପକ୍ଷଙ୍କ ଏବଂ ପୋଲିସ ସେଠାକୁ ଯାଇ ତଦନ୍ତ କରିଛନ୍ତି। ଏଟିଏମ୍‌ର ସୁରକ୍ଷା ବ୍ୟବସ୍ଥା ନ ଥିବା ଏବଂ ଏଥି ପ୍ରତି ଅବହେଳା କରାଯାଉ ଥିବାରୁ ବୁଦ୍ଧିଜୀବୀମାନେ ଅସନ୍ତୋଷ ପ୍ରକାଶ କରିଛନ୍ତି। ହଳଦିଆ ନାଳ, ପୁରୁଣା ଗୁଣପୁର ଛକ ଏବଂ ୱେର ହାଉସ ଭଳି ସ୍ଥାନରେ ସୁରକ୍ଷା କର୍ମୀ ନ ଥିବାରୁ ଦୁର୍ବୃତ୍ତମାନଙ୍କୁ ଏହା ସୁହାଉଛି। ୨୦୧୫ ଜୁଲାଇ ୧୬ରେ ହଳଦିଆ ନାଳ ଅଞ୍ଚଳରେ ଥିବା ଏଟିଏମ୍‌କୁ ଦୁର୍ବୃତ୍ତମାନେ ଭାଙ୍ଗି ଦେଇଥିଲେ। ସେହିବର୍ଷ ଅଗଷ୍ଟ ୧୮ ରାତିରେ ୱେର ହାଉସ ସମ୍ମୁଖସ୍ଥ ଏଟିଏମକୁ ମଧ ଭାଙ୍ଗିଥିଲେ। ଉକ୍ତ ଘଟଣାରେ ଗୁଣପୁର ପୋଲିସ ଜଣଙ୍କୁ ଗିରଫ କରିଥିଲା। ପରେ ସେ ଖଲାସ ହୋଇ ଯାଇଥିଲେ। ବିଭିନ୍ନ ସମୟରେ ଏଟିଏମ୍‌କୁ ଦୁର୍ବୃତ୍ତମାନେ ଟାର୍ଗେଟ କରି ଭାଙ୍ଗି ଦେଇଥାନ୍ତି। ଏପରି ଘଟଣା କ୍ରମ ପରେ ସେଠାରେ ସୁରକ୍ଷା କର୍ମୀ ଯୋଗାଇ ଦିଆ ନ ଯିବାକୁ ନେଇ ସାଧାରଣରେ ପ୍ରଶ୍ନ ଉଠିଛି।

# ବିପର୍ଯ୍ୟୟ ବେଳେ ସତର୍କତା ଅବଲମ୍ବନ ଜରୁରୀ

ରାୟଗଡ଼ା ଅଫିସ, ୨୯।୧୦




ଜିଲାପାଳ ପତାକା ଦେଖାଇ ଶୋଭାଯାତ୍ରା ଶୁଭାରମ୍ଭ କରୁଛନ୍ତି।

ଜାତୀୟ ବିପର୍ଯ୍ୟୟ ପ୍ରଶମନ ଦିବସ ଏବଂ ଓଡ଼ିଶା ବିପର୍ଯ୍ୟୟ ପ୍ରସ୍ତୁତି ଦିବସ ଜିଲା ପ୍ରଶାସନ ପକ୍ଷରୁ ପାଳିତ ହୋଇଛି। ଏହି ଅବସରରେ ଗଜପତି ଛକରୁ ଏକ ଜନ ସଚେତନତା ଶୋଭାଯାତ୍ରା ବାହରିଥିଲା। ଜିଲାପାଳ ପ୍ରମୋଦ କୁମାର ବେହେରା ଏହାକୁ ସବୁଜ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ । ଏଥିରେ ରାୟଗଡ଼ା ସ୍ୱୟଂଶାସିତ ମହାବିଦ୍ୟାଳୟ, ମହିଳା ମହାବିଦ୍ୟାଳୟ, ଗୋପବନ୍ଧୁ ଉଚ୍ଚ ବିଦ୍ୟାଳୟର ଛାତ୍ରୀଛାତ୍ର ଯୋଗ ଦେଇଥିଲେ। ପ୍ରାକୃତିକ ବିପର୍ଯ୍ୟୟ ସମୟରେ ସତର୍କତା ଅବଲମ୍ବନ କରିବା ଆବଶ୍ୟକ ବୋଲି ଛାତ୍ରୀଛାତ୍ରମାନେ ଲୋକଙ୍କୁ ସଚେତନ କରିଥିଲେ। ଏହାପରେ ଅଗ୍ନିଶମ ବିଭାଗ ଦ୍ୱାରା ଏକ ମକ୍‌ଡ୍ରିଲ ପ୍ରଦର୍ଶିତ ହୋଇଥିଲା। ପରେ ସ୍ଥାନୀୟ ଡ଼ିଆରଡ଼ିଏ ସମ୍ମିଳନୀ କକ୍ଷରେ ଏକ ସଚେତନତା ସଭା କରାଯାଇଥିଲା। ୧୯୯୯ ଅକ୍ଟୋବର ୨୯ରେ ଆସିଥିବା ମହାବାତ୍ୟାରେ ଅନେକ ଧନ ଜନ ଜୀବନ ନଷ୍ଟ ହୋଇଥିଲା। ଏବେ ଉନ୍ନତ ଟେକ୍ନୋଲୋଜି ଯୋଗୁ ପ୍ରାକୃତିକ ବିପର୍ଯ୍ୟୟ ନେଇ ଆମେ ପୂର୍ବରୁ ସୂଚନା ପାଇପାରୁଛେ ବୋଲି ଜିଲାପାଳ କହିଥିଲେ। ଜାତୀୟ ବିପର୍ଯ୍ୟୟ ପ୍ରଶମନ ଦିବସ ପାଇଁ ପୂର୍ବରୁ କରାଯାଇଥିବା ପ୍ରବନ୍ଧ ଏବଂ ତର୍କ ପ୍ରତିଯୋଗିତାର କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ବୈଠକରେ ଉପଜିଲାପାଳ ପ୍ରତାପ ଚନ୍ଦ୍ର ପ୍ରଧାନ, ସାମାଜିକ ସୁରକ୍ଷା ଅଧିକାରୀ ଆଦିପତି କଅଁର, ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ବସନ୍ତ କୁମାର ପ୍ରଧାନ, ତହସିଲଦାର ଉମାଶଙ୍କର ବେହେରା, ଆଇଟିଡିଏ ପିଏ ଟୁକୁ ବାରିକ, ପୌର ପରିଷଦର କାର୍ଯ୍ୟନିର୍ବାହୀ ଅଧିକାରୀ ସଚ୍ଚିଦାନନ୍ଦ ଶତପଥୀ ପ୍ରମୁଖ ଉପସ୍ଥିତ ଥିଲେ।